

# କଳହମୁକ୍ତ ଜୀବନ ଯାପନ

ଆଶିଷ୍ ରାଇଚୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ମାର୍ଚ୍ଚ ୨୦୨୧

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, INDIA

Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**Living Life Without Strife (Odia)**

# କଳହମୁକ୍ତ
# ଜୀବନ ଯାପନ

# ସୂଚୀପତ୍ର


| | | |
|---|---|---|
| ୧. | କଳହ କ'ଣ ? | ୧ |
| ୨. | କିପରି କଳହ ସୃଷ୍ଟି ହୁଏ ? | ୨ |
| ୩. | କଳହର ନକାରାତ୍ମକ ପ୍ରଭାବସବୁ | ୧୨ |
| ୪. | ଆପଣଙ୍କ ଜୀବନକୁ କିପରି କଳହମୁକ୍ତ ରଖିବେ ? | ୧୪ |

# ୧

# କଳହ କ'ଣ ?

ସବୁସ୍ଥାନରେ କଳହ ଦେଖାଯାଏ- ପରିବାରରେ, କାର୍ଯ୍ୟସ୍ଥାନରେ, ସେବାକାର୍ଯ୍ୟରେ, ମଣ୍ଡଳୀରେ, ଇତ୍ୟାଦି ଏବଂ ଏହା ଦ୍ୱାରା ମାନବୀୟ ସମ୍ପର୍କସବୁ କ୍ଷୁର୍ଣ୍ଣ ହୋଇଥାଏ । କଳହ, କର୍କଟରୋଗ ପରି ଜୀବନର ପ୍ରାୟ ସବୁ କ୍ଷେତ୍ରକୁ ସ୍ପର୍ଶ କରିଥାଏ । ତେଣୁ କଳହ କ'ଣ ? ଏହା ଲୋକଙ୍କ ମଧ୍ୟରେ ଥିବା ବିଭାଜନ, ବିବାଦ, ଘୃଣାଭାବ, କ୍ଷୋଭ, ବାଦାନୁବାଦ, ଶତ୍ରୁତା ବା ଦଳାଦଳିକୁ ବୁଝାଏ ।

ଗୃହରେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ, ପିତାମାତା ଓ ସନ୍ତାନମାନଙ୍କ ମଧ୍ୟରେ, ସନ୍ତାନମାନଙ୍କ ମଧ୍ୟରେ କଳହ ଦେଖାଯାଇଥାଏ । ପିଲାମାନେ ଖେଳଣାସବୁକୁ ନେଇ କଳହ କରନ୍ତି ତ ବଡ଼ମାନେ ଜମିଜମା ଓ ଅର୍ଥ ବିଷୟକୁ ନେଇ କଳହ କରନ୍ତି । କାର୍ଯ୍ୟକ୍ଷେତ୍ରରେ, ଦଳର ସଦସ୍ୟମାନଙ୍କ ମଧ୍ୟରେ ଏବଂ ନିଯୁକ୍ତିଦାତା ଓ କର୍ମଚାରୀ ମଧ୍ୟରେ, କଳହ ଦେଖାଦେଇଥାଏ । ଦୁର୍ଭାଗ୍ୟବଶତଃ ଆମ ମଣ୍ଡଳୀମାନଙ୍କରେ ସୁଦ୍ଧା କଳହ ଦେଖାଯାଏ, ବେଳେବେଳେ ଏକ ସମ୍ପ୍ରଦାୟର ସଦସ୍ୟମାନଙ୍କ ମଧ୍ୟରେ ଏହା ଦେଖାଯାଏ । ରବିବାର ଦିନ ମଣ୍ଡଳୀରେ ସେମାନେ 'ହାଲ୍ଲେଲୁୟା' ଗୀତ ଗାନ କରିବେ, କିନ୍ତୁ ସେହି ସମ୍ପ୍ରଦାୟର କୌଣସି କୌଣସି ସଦସ୍ୟଙ୍କ ସଙ୍ଗେ ସେମାନେ ମିଳିତ ହୋଇ ପାରି ନ ଥାନ୍ତି । ଦୁଃଖର ବିଷୟ ଏହି ଯେ ପ୍ରଭୁଙ୍କର ସେବକମାନଙ୍କ ମଧ୍ୟରେ ସୁଦ୍ଧା କଳହ ରହିଥାଏ ।

ଏହି ପୁସ୍ତକର ଉଦ୍ଦେଶ୍ୟ:

- କିପରି କଳହ ସୃଷ୍ଟି ହୁଏ ବୁଝିବା ।
- ଆମ ଜୀବନରେ କଳହର ନକାରାତ୍ମକ ପ୍ରଭାବସବୁକୁ ଅଧ୍ୟୟନ କରିବା ଏବଂ
- କଳହମୁକ୍ତ ଜୀବନ ଯାପନ କରିବା ବିଷୟ ଶିଖିବା ।

ତା' ହେଲେ ଆମେ କହିପାରିବା ଯେ ଆମେ ଆମ ଜୀବନରେ ଓ ଗୃହରେ କଳହ ଚାହୁଁନା ।

**କଳହ କର୍କଟରୋଗ ପରି ଜୀବନର ପ୍ରାୟ ସବୁ କ୍ଷେତ୍ରକୁ ସ୍ପର୍ଶ କରିଥାଏ ।**

## ୨

# କିପରି କଳହ ସୃଷ୍ଟି ହୁଏ ?

## ଘୃଣା ବା ହିଂସା

**ହିତୋପଦେଶ ୧୦:୧୨**
**ହିଂସା କଳି ଜନ୍ମାଏ, ମାତ୍ର ପ୍ରେମ ସବୁ ଅଧର୍ମ ଢ଼ାଙ୍କଇ ।**

ହିଂସା କଳହ ସୃଷ୍ଟି କରେ । ଉଦାହରଣ ସ୍ୱରୂପ, କାର୍ଯ୍ୟରେ ଯୋଗଦେବା ଦିନ ଆପଣଙ୍କ ନୂତନ ଦଳ ସହିତ ଆପଣ ପରିଚିତ ହେଲେ, ଓ ତଦ୍ୱାରା ଆପଣା ଆନନ୍ଦିତ ହେଲେ । କିନ୍ତୁ ପରେ ଆପଣ ବୁଝିପାରିଲେ ଯେ ଦଳରେ ଜଣେ ବ୍ୟକ୍ତି ଅଛନ୍ତି ଯାହାଙ୍କ ସହିତ ଆପଣ କାର୍ଯ୍ୟ କରିପାରୁ ନାହାନ୍ତି, ନିଜକୁ ଖାପ ଖୁଆଇ ଚଳିପାରୁ ନାହାନ୍ତି । ପ୍ରଥମେ ଆପଣ ତାଙ୍କ ସଙ୍ଗେ ଭଦ୍ରତାର ସହିତ ବ୍ୟବହାର କଲେ, କିନ୍ତୁ ପରେ ତାଙ୍କୁ ଘୃଣା କରିବା ଆରମ୍ଭ କଲେ । ଏହା ପରେ ଆପଣ ତାଙ୍କଠାରୁ ଦୂରେଇ ରହିବାକୁ ଚାହିଁଲେ ଓ ତାଙ୍କୁ ଘୃଣା କଲେ । ଏହି ଘୃଣାଭାବ ଦିନେ ବିସ୍ଫୋରକ ରୂପ ନେବ, ତେବେ ସେଯାଏଁ ଉକ୍ତ ବ୍ୟକ୍ତି ଜାଣି ନ ଥିବେ ଯେ ଆପଣ ତାଙ୍କୁ ଘୃଣା କରନ୍ତି । ତେଣୁ ଏହି ଘୃଣାଭାବ ସେହି ବ୍ୟକ୍ତି ସହିତ ଆପଣଙ୍କର କଳହର କାରଣ ହେଲା ।

## କ୍ରୋଧ/ କ୍ଷଣକୋପ

**ହିତୋପଦେଶ ୧୫:୧୮**
**କ୍ରୋଧୀ ଲୋକ କଳି ଜନ୍ମାଏ; ପୁଣି, କୋପ କରିବାକୁ ଧୀର ଲୋକ ବିବାଦ କ୍ଷାନ୍ତ କରେ ।**

ଆମ ସମସ୍ତଙ୍କ ମଧ୍ୟରେ କ୍ରୋଧ କରିବା ପ୍ରବୃତ୍ତି ରହିଛି । ଆମ ମଧ୍ୟରେ ଯେଉଁସବୁ ଭାବନା ରହିଛି (କ୍ରୋଧ ମଧ୍ୟ) ତାହା ଉଚିତ ମାର୍ଗରେ ପରିଚାଳିତ ହେବା ଉଚିତ । ଉଚିତ ବିଷୟସବୁକୁ ନେଇ ଆମ୍ଭେ କ୍ରୋଧ ପ୍ରକାଶ କରିପାରିବା, ଯଥା: ପାପ, ଅନ୍ୟାୟ ଓ ଅସହିଷ୍ଣୁତା ବିରୁଦ୍ଧରେ । କିନ୍ତୁ ଆମମାନଙ୍କ ମଧ୍ୟରେ ରହିଥିବା ଏହି ଉଗ୍ର ସ୍ୱଭାବ, ଯେତେବେଳେ କେହି କିଛି କହେ ବା କରେ, ଆମକୁ ହଠାତ୍ ପ୍ରଜ୍ୱଳିତ କରେ । ଆମର

ଅନିୟନ୍ତ୍ରିତ କ୍ଷଣକୋପ ଆମର କଳ୍ପନା ବାହାରେ ଆମକୁ କଳହ ମଧ୍ୟକୁ ଟାଣି ନେଇଯାଏ। କ୍ରୋଧ କଳହ ଜନ୍ମାଏ ଓ ସମ୍ପର୍କ ତୁଟାଇ ଦିଏ।

ହିତୋପଦେଶ ୨୯:୨୨

**କ୍ରୋଧୀ ଲୋକ ବିବାଦ ଜନ୍ମାଏ, ପୁଣି ରାଗାନ୍ଧ ଲୋକ ବହୁତ ଅଧର୍ମ କରେ ।**

ହିତୋପଦେଶ ୩୦:୩୩

**କାରଣ ଯଦ୍ରୁପ ଦୁଗ୍ଧ ମନ୍ଥନରେ ଲବଣୀ ବାହାରେ ଓ ନାସିକା ମନ୍ଥନରେ ରକ୍ତ ବାହାରେ; ତଦ୍ରୁପ କ୍ରୋଧ ମନ୍ଥନରେ ବିବାଦ ବାହାରେ ।**

## ବୃଥା ଗପ, କୁତ୍ସାରଟନା ଓ ଖଚୁଆମି

ହିତୋପଦେଶ ୨୬:୨୦

**କାଷ୍ଠ ଶେଷ ହେଲେ ଅଗ୍ନି ନିଭି ଯାଏ, କର୍ଣ୍ଣେଜପ ନ ଥିଲେ କଳି ନିବୃତ୍ତ ହୁଏ ।**

ଜଣେ ଖଚୁଆ, ଗପୁଡ଼ି, କାନକୁହା ବା ନିନ୍ଦକ କଳହ ସୃଷ୍ଟି କରିଥାଏ। ଉଦାହରଣ ସ୍ୱରୂପ, ଦୁଇ ଜଣ ଉତ୍ତମ ବନ୍ଧୁଙ୍କ ବିଷୟ ନିଆଯାଉ। ସେମାନଙ୍କ ମଧ୍ୟରୁ କେହି ଜଣେ ଛୁଟିରେ ବାହାରେ ରହିଥିବା ବେଳେ ଅନ୍ୟ କେହି ତା' ବିରୁଦ୍ଧରେ ତା'ର ସାଙ୍ଗ ନିକଟରେ ଏଣୁ ତେଣୁ କହିଲା। ଯେତେବେଳେ ସେହି ସାଙ୍ଗ ଫେରି ଆସିଲା ସେ ଦେଖିଲା ତା'ର ସାଙ୍ଗ ତା' ସଙ୍ଗେ ଭିନ୍ନ ପ୍ରକାର ବ୍ୟବହାର ଦେଖାଉଛି। ଏହାର କାରଣ କୁତ୍ସାରଟନା। ସେହିପରି ଆମେମାନେ ଯେତେବେଳେ କୌଣସି ଉଦ୍ଦେଶ୍ୟ ନ ରଖି ଅନ୍ୟମାନଙ୍କ ବିଷୟରେ ଚର୍ଚ୍ଚା କରିଥାଉ, ଆମେ ପ୍ରକୃତରେ କଳହର ବୀଜ ବୁଣିଥାଉ ଯାହା ଲୋକମାନଙ୍କ ମଧ୍ୟରେ ଥିବା ସୁସମ୍ପର୍କକୁ ଛିନ୍ନ କରି ଦେଇଥାଏ। ତେଣୁ, ଅନ୍ୟମାନଙ୍କ ବିଷୟରେ କଥା ହେବା ସମୟରେ ଆମେ ସତର୍କତା ଅବଲମ୍ବନ କରିବା ଉଚିତ।

ହିତୋପଦେଶ ୧୬:୨୮

**କୁଟିଳ ମନୁଷ୍ୟ କଳି ବୁଣେ, ପୁଣି କର୍ଣ୍ଣେଜପ ବିଶେଷ ମିତ୍ରଗଣକୁ ବିଭିନ୍ନ କରେ ।**

## କଳହପ୍ରିୟ ବା ବିବାଦୀୟ ହେବା

ହିତୋପଦେଶ ୨୬:୨୧

**ଯେପିର ଜ୍ୱଳନ୍ତା ଅଙ୍ଗାରକୁ ଅଙ୍ଗାର ଓ ଅଗ୍ନିକି କାଷ୍ଠ, ସେପରି ବିବାଦ ବଢ଼ାଇବାକୁ କଳିହୁଡ଼ା ଲୋକ ।**

ଜଣେ କଳହପ୍ରିୟ ବ୍ୟକ୍ତିକୁ ଆମେ ଯାହା କହିଲେ ବା କଲେ ମଧ ତାହା ତାକୁ କ୍ରୋଧିତ କରିଥାଏ । ତା' ମଧରେ ଏପରି କିଛି ରହିଥାଏ, ଯାହା ତା'ର ବ୍ୟକ୍ତିତ୍ୱର ଅଂଶ ବିଶେଷ । ତଦ୍ୱାରା ସେ କଳହପ୍ରିୟ ହୋଇ ବିବାଦ ସୃଷ୍ଟି କରେ, ଫଳରେ ସମ୍ପର୍କସବୁ ଭାଙ୍ଗିଯାଏ । ଅନ୍ୟମାନଙ୍କର ଯେ ଭୁଲ ରହିଥାଏ ତାହା ନୁହେଁ, କିନ୍ତୁ ଏହି ବ୍ୟକ୍ତିଜଣକ ଯେଉଁ ସ୍ୱଭାବର ତାହା ତାକୁ କଳହପ୍ରିୟ କରିଥାଏ ।

## ଅହଙ୍କାର

**ହିତୋପଦେଶ ୨୮ :୨୫**
**ବହୁପ୍ରତ୍ୟାଶୀ ପ୍ରାଣ ବିବାଦ ଜନ୍ମାଏ, ମାତ୍ର ଯେ ସଦାପ୍ରଭୁଙ୍କ ଉପରେ ନିର୍ଭର ରଖେ, ସେ ହୃଷ୍ଟପୁଷ୍ଟ ହେବ ।**

ଆସନ୍ତୁ, ଆମେ ଦେଖିବା ଯେ ଦଳେ ଲୋକ ଏକ ସଭାଗୃହରେ ଏକ ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ଆଲୋଚ଼ନା କରୁଛନ୍ତି । ଆପଣ ସେହି ଦଳର ଜଣେ ସଦସ୍ୟ ଅଟନ୍ତି ଓ ଆପଣ ମନେ କରୁଛନ୍ତି ଯେ ଦଳର ନେତା ଆପଣଙ୍କ ପରି ଏକ ନାମକରା ବିଶ୍ୱବିଦ୍ୟାଳୟରୁ ଡ଼ିଗ୍ରୀ ହାସଲ କରିନାହାନ୍ତି ଏବଂ ଆଲୋଚ଼ନାକୁ ପରିଚାଳନା କରିବା ପାଇଁ ଆପଣ ତାଙ୍କଠାରୁ ଅଧିକ ସକ୍ଷମ ହେଲେ ସୁଦ୍ଧା ଆପଣଙ୍କୁ ଏହି ସୁଯୋଗ ଦିଆଯାଇନାହିଁ ବୋଲି ଆପଣ ରୁଷ୍ଟ ଅଟନ୍ତି । ଆପଣଙ୍କ ଅହଙ୍କାର ତାଙ୍କୁ ଆପଣଙ୍କ ଉଚ୍ଚ କର୍ତ୍ତୃପକ୍ଷ ବୋଲି ମାନିବାକୁ ନାରାଜ, କାରଣ ଆପଣ ତାଙ୍କ ଅପେକ୍ଷା ଅଧିକ ସକ୍ଷମ ବୋଲି ମନେ କରୁଛନ୍ତି । ଏହାଦ୍ୱାରା ବିବାଦ ସୃଷ୍ଟି ହୁଏ । ଅନ୍ୟମାନଙ୍କ ସଙ୍ଗେ ସମ୍ପର୍କରେ ଆମେମାନେ କଳହ ବା ବିବାଦ ସୃଷ୍ଟି କରିଥାଉ ଯଦି ଆମେ ଅହଙ୍କାରୀ ହୋଇ ଅନ୍ୟମାନଙ୍କର ଉତ୍ତମ ଧାରଣାକୁ ଗ୍ରହଣ କରି ନ ଥାଉ, ବା ଅନ୍ୟମାନଙ୍କ କାର୍ଯ୍ୟପ୍ରଣାଳୀକୁ ଗ୍ରହଣ କରି ନ ଥାଉ, କାରଣ ଏହା ଆମର କାର୍ଯ୍ୟପ୍ରଣାଳୀ ବା ଧାରଣାର ବହିର୍ଭୁତ ହୋଇଥାଏ ।

## ସ୍ୱାର୍ଥପର ଉଚ୍ଚାଭିଳାଷ

**ଲୂକ ୨୨:୨୦-୨୭**
**୨୦ ଭୋଜନ ଉତ୍ତାରେ ସେହିପରି ସେ ପାନପାତ୍ର ଘେନି କହିଲେ, ଏହି ପାନପାତ୍ର ତୁମ୍ଭମାନଙ୍କ ନିମନ୍ତେ ପାତିତ ହେଉଥିବା ମୋହର ରକ୍ତରେ ସ୍ଥାପିତ ନୂତନ ନିୟମ ।**
**୨୧ କିନ୍ତୁ ଦେଖ, ଯେ ମୋତେ ଶତ୍ରୁହସ୍ତରେ ସମର୍ପଣ କରୁଅଛି, ତାହାର ହସ୍ତ ମୋ' ସହିତ ମେଜ ଉପରେ ଅଛି ।**

**୨୨ କାରଣ ଯେପରି ନିରୂପିତ ହୋଇଅଛି, ମନୁଷ୍ୟପୁତ୍ର ସେହିପରି ପ୍ରୟାଣ କରୁଅଛନ୍ତି ସତ୍ୟ, ତଥାପି ଯେଉଁ ଲୋକ ଦ୍ୱାରା ସେ ଶତ୍ରୁହସ୍ତରେ ସମର୍ପିତ ହେଉଅଛନ୍ତି, ହାୟ, ସେ ଦଣ୍ଡର ପାତ୍ର ।**
**୨୩ ତେଣୁ ସେମାନଙ୍କ ମଧ୍ୟରୁ କିଏ ଏହା କରିବାକୁ ଯାଉଅଛି, ସେ ବିଷୟରେ ସେମାନେ ପରସ୍ପର ବାଦାନୁବାଦ କରିବାକୁ ଲାଗିଲେ ।**
**୨୪ ପୁଣି, ସେମାନଙ୍କ ମଧ୍ୟରୁ କିଏ ଶ୍ରେଷ୍ଠ ବୋଲି ଗଣିତ, ସେ ବିଷୟରେ ସେମାନଙ୍କ ମଧ୍ୟରେ ବିବାଦ ଘଟିଲା ।**
**୨୫ ସେଥିରେ ସେ ସେମାନଙ୍କୁ କହିଲେ, ବିଜାତିମାନଙ୍କ ରାଜାମାନେ ସେମାନଙ୍କ ଉପରେ ପ୍ରଭୁତ୍ୱ କରନ୍ତି, ଆଉ ଯେଉଁମାନେ ସେମାନଙ୍କ ଉପରେ କର୍ତ୍ତୃତ୍ୱ କରନ୍ତି, ସେମାନେ ଦେଶବନ୍ଧୁ ବୋଲି ଖ୍ୟାତ ହୁଅନ୍ତି ।**
**୨୬ କିନ୍ତୁ ତୁମ୍ଭେମାନେ ସେପ୍ରକାର ହୁଅ ନାହିଁ, ମାତ୍ର ତୁମ୍ଭମାନଙ୍କ ମଧ୍ୟରେ ଯେ ଜ୍ୟେଷ୍ଠ, ସେ କନିଷ୍ଠ ପରି ହେଉ, ପୁଣି ଯେ ନେତା, ସେ ସେବକ ପରି ହେଉ ।**
**୨୭ କାରଣ କିଏ ଶ୍ରେଷ୍ଠ ? ଯେ ଭୋଜନୋପବିଷ୍ଟ, ନା ଯେ ସେବକ ? ଯେ ଭୋଜନୋବିଷ୍ଟ, ସେ କି ଶ୍ରେଷ୍ଠ ନୁହନ୍ତି ? କିନ୍ତୁ ମୁଁ ତୁମ୍ଭମାନଙ୍କ ମଧ୍ୟରେ ଜଣେ ସେବକ ପରି ଅଛି ।**

ସମ୍ଭବତଃ ଶିଷ୍ୟମାନଙ୍କ ସଙ୍ଗେ ଯୀଶୁଙ୍କର ଶେଷ ଭୋଜନ ହୋଇଥିବାରୁ ଆପଣା କ୍ରୁଶାର୍ପଣ ନିମନ୍ତେ ନିଜକୁ ପ୍ରସ୍ତୁତ କରୁ କରୁ ସେ ଜାଣିଶୁଣି ପ୍ରଭୁଭୋଜ ବିଧି ସ୍ଥାପନ କରିଥିଲେ । ସେ ଶିଷ୍ୟମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ଯେ ସେ କ୍ରୁଶାର୍ପିତ ହେବାକୁ ଯାଉଛନ୍ତି ଓ ସେମାନଙ୍କୁ ଛାଡ଼ି ଚାଲିଯିବେ । କିନ୍ତୁ ଯୀଶୁ ସେମାନଙ୍କଠାରୁ ଚାଲିଯିବା କଥା ଶୁଣି ପ୍ରେରିତମାନେ ଯେଉଁ ବିଷୟକୁ ନେଇ ଚିନ୍ତା କରିଥିଲେ ତାହା ଲକ୍ଷ୍ୟ କରିବା କଥା । ସେମାନଙ୍କ ମଧ୍ୟରେ ବିବାଦ ଉପୁଜିଲା ଯୀଶୁଙ୍କ ପରେ 'ପ୍ରଧାନ ବ୍ୟକ୍ତି' କିଏ ହେବ । ସେହି ପ୍ରେରିତମାନେ ହିଁ ଯୀଶୁଙ୍କ ସଙ୍ଗେ ସଦାସର୍ବଦା ରହି ଆସିଥିଲେ ଓ ତାଙ୍କର ପ୍ରଚାର ଓ ଶିକ୍ଷା ଶୁଣିଥିଲେ ଏବଂ ତାଙ୍କର ଆଶ୍ଚର୍ଯ୍ୟକର୍ମସବୁ ଦେଖିଥିଲେ । ଏହି ବିବାଦ ସେମାନଙ୍କ ମଧ୍ୟରେ କଳହ ସୃଷ୍ଟି କରିଥିଲା ।

ସେମାନଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ଏ ବିଷୟରେ ଯୀଶୁଙ୍କ ଉତ୍ତର ପ୍ରଣିଧାନଯୋଗ୍ୟ । ସେ ସେମାନଙ୍କୁ ବୁଝାଇଥିଲେ ଯେ ବିଷୟକୁ ସେମାନେ ଭୁଲ୍ ବୁଝିଛନ୍ତି । ସେ କହିଲେ ଯେ ସେମାନେ ଜଗତକୁ ଦେଖୁଛନ୍ତି ଓ ଜଗତର ଚଳଣି ଅନୁସାରେ ମତ ପ୍ରକାଶ କରୁଛନ୍ତି । ଯୀଶୁ ସେମାନଙ୍କୁ କହିଲେ ଯେ ସର୍ବୋଚ୍ଚ ସ୍ଥାନରେ ଆସୀନ ବ୍ୟକ୍ତି ହୁଏତ ଜଗତର ଦୃଷ୍ଟିରେ ହାକିମ୍ ଅଟନ୍ତି କିନ୍ତୁ ସେମାନଙ୍କ ଆଦର୍ଶବ୍ୟକ୍ତି ଜଣେ ସେବକ ହେବା ଆବଶ୍ୟକ, କାରଣ ଈଶ୍ୱର ଏପରି ବ୍ୟକ୍ତିକୁ ନେତାରୂପେ ପସନ୍ଦ କରନ୍ତି । ସେ ସେମାନଙ୍କୁ କହିଲେ ସେମାନଙ୍କ ମଧ୍ୟରେ କ୍ଷୁଦ୍ରତମ କିଏ ସେମାନେ ବାହାର କରନ୍ତୁ, କାରଣ ସେହି ବ୍ୟକ୍ତି ହିଁ

ସେମାନଙ୍କ ନେତା ହେବା ପାଇଁ ଯୋଗ୍ୟ ବ୍ୟକ୍ତି । ତେଣୁ ସ୍ୱାର୍ଥପର ଉଚ୍ଚାଭିଳାଷୀ ବ୍ୟକ୍ତି ବିବାଦ ସୃଷ୍ଟି କରିଥାଏ ।

## ଭୁଲ ବୁଝାମଣା

ପ୍ରେରିତ ୬:୧

ଏହି ସମୟରେ, ଯେତେବେଳେ ଶିଷ୍ୟମାନଙ୍କର ସଂଖ୍ୟା ବୃଦ୍ଧି ପାଉଥିଲା, ସେତେବେଳେ ଗ୍ରୀକ୍ ଭାଷାବାଦୀ ଯିହୂଦୀମାନେ ଏବ୍ରୀୟମାନଙ୍କ ବିପକ୍ଷରେ ବଚସା କରିବାକୁ ଲାଗିଲେ, କାରଣ ଦୈନିକ ପରିଚର୍ଯ୍ୟାରେ ସେମାନଙ୍କର ବିଧବାମାନଙ୍କୁ ଉପେକ୍ଷା କରାଯାଉଥିଲା ।

ଯିରୁଶାଲମ ମଣ୍ଡଳୀରେ କଳହ ଦେଖା ଦେଇଥିଲା । ଏହାର କାରଣ ଥିଲା ଗ୍ରୀକ୍ ଭାଷାବାଦୀ ଯିହୁଦୀମାନେ (ହେଲେନିଷ୍ଟ) ଏବ୍ରୀ ଭାଷାବାଦୀ ଯିହୁଦୀମାନଙ୍କ ଉପରେ ଅଭିଯୋଗ ଆଣିଥିଲେ ଯେ ସେମାନଙ୍କ ବିଧବାମାନଙ୍କୁ ଦୈନିକ ପରଚ୍ର୍ଯ୍ୟାରେ ଉପେକ୍ଷା କରାଯାଉଥିଲା । ସେମାନେ ଏହି ପ୍ରସଙ୍ଗକୁ ପ୍ରେରିତମାନଙ୍କ ନିକଟକୁ ଆଣିଥିଲେ ଓ ସେମାନଙ୍କର ଏହି ସମସ୍ୟା ସମାଧାନ କରିବାକୁ କହିଲେ । ଏହି କଳହର କାରଣ ଏକ ଭୁଲ ବୁଝାମଣା ଥିଲା, କାରଣ ଗୋଟିଏ ଦଳର ଲୋକଙ୍କୁ ଯେତିକି ଧ୍ୟାନ ଦିଆଯାଉଥିଲା, ଅନ୍ୟଦଳକୁ ସେତିକି ଧ୍ୟାନ ଦିଆଯାଉ ନ ଥିଲା ।

## ବ୍ୟକ୍ତିତ୍ୱରେ ଭିନ୍ନତା

ପ୍ରେରିତ ୧୫:୩୬-୪୧

୩୬ କେତେକ ଦିନ ପରେ ପାଉଲ ବର୍ଣ୍ଣବାଙ୍କୁ କହିଲେ, ଆସ, ଆମ୍ଭେମାନେ ଯେଉଁସବୁ ନଗରରେ ପ୍ରଭୁଙ୍କର ବାକ୍ୟ ପ୍ରଚାର କରିଥିଲୁ, ସେହିସମସ୍ତ ନଗରକୁ ଏବେ ବାହୁଡ଼ିଯାଇ ଭାଇମାନଙ୍କ ସାକ୍ଷାତ୍ କରି, ସେମାନେ କିପ୍ରକାରେ ଅଛନ୍ତି ଦେଖିବା ।

୩୭ ସେଥିରେ ମାର୍କ ନାମରେ ଖ୍ୟାତ ଯୋହନଙ୍କୁ ମଧ୍ୟ ସାଙ୍ଗରେ ଘେନିଯିବା ପାଇଁ ବର୍ଣ୍ଣବ୍ବାଙ୍କର ଇଚ୍ଛା ଥିଲା,

୩୮ କିନ୍ତୁ ସେ ସେମାନଙ୍କୁ ଛାଡ଼ି ପଂଫୂଲିଆରୁ ଚାଲିଆସିଥିଲେ ଓ ସେମାନଙ୍କ ସହିତ କାର୍ଯ୍ୟକୁ ଯାଇ ନ ଥିଲେ, ତାଙ୍କୁ ସାଙ୍ଗରେ ନେବାକୁ ପାଉଲ ଉଚିତ ମନେ କଲେ ନାହିଁ ।

୩୯ ସେଥିରେ ଘୋର ବିବାଦ ଘଟିବାରୁ ସେମାନେ ପରସ୍ପରଠାରୁ ପୃଥକ୍ ହେଲେ, ବର୍ଣ୍ଣବ୍ବା ମାର୍କଙ୍କୁ ସାଙ୍ଗରେ ଘେନି ଜାହାଜରେ କୁପ୍ରକୁ ଗମନ କଲେ,

**୪୦ କିନ୍ତୁ ପାଉଲ ଶୀଲାଙ୍କୁ ମନୋନୀତ କରି ଭାଇମାନଙ୍କ ଦ୍ୱାରା ପ୍ରଭୁଙ୍କ ଅନୁଗ୍ରହରେ ସମର୍ପିତ ହୋଇ ପ୍ରସ୍ଥାନ କଲେ,**
**୪୧ ଆଉ ସେ ସୁରିଆ ଓ କିଲିକିଆ ଦେଇ ଯାଉ ଯାଉ ମଣ୍ଡଳୀସମୂହକୁ ସୁସ୍ଥିର କଲେ ।**

**୨ତୀମଥି ୪:୧୧**
**କେବଳ ଲୂକ ମୋ ସହିତ ଅଛନ୍ତି । ମାର୍କଙ୍କୁ ତୁମ୍ଭ ସଙ୍ଗରେ ଘେନି ଆସ, କାରଣ ମୋହର ସେବା ନିମନ୍ତେ ସେ ଉପକାରୀ ।**

ବ୍ୟକ୍ତିତ୍ୱରେ ଫରକ୍ ରହିବା ମଧ୍ୟ କଳହ ସୃଷ୍ଟି କରିପାରେ କାରଣ ଆମ ପ୍ରତ୍ୟେକଙ୍କ ବ୍ୟକ୍ତିତ୍ୱ ଭିନ୍ନ ଅଟେ ଓ ଆମର କାର୍ଯ୍ୟଶୈଳୀ ମଧ୍ୟ ଭିନ୍ନ ଅଟେ । ଉପରୋକ୍ତ ଶାସ୍ତ୍ରାଂଶରେ ଦୁଇ ପ୍ରେରିତ, ବର୍ଣ୍ଣବା ଓ ପାଉଲଙ୍କ ମଧ୍ୟରେ ଯେଉଁ କଳହ ହୋଇଥିଲା ତାହା ଆମେ ପାଠ କରୁ । ପ୍ରଥମ ମିଶନାରୀ ଯାତ୍ରାରେ ସେମାନେ ଯୁବକ ଜନ୍ ମାର୍କଙ୍କୁ ନେଇଯାଇଥିଲେ । ସେ ବର୍ଣ୍ଣବାଙ୍କ ଭଣଜା ଥିଲେ । ଜନ୍ ମାର୍କ ଏକ ଧନିକ ପରବାରରୁ ଆସିଥିଲେ । (ପ୍ରେରିତ ପୁସ୍ତକରେ ଆମେ ପଢୁ ତାଙ୍କ ମା'ଙ୍କର ଏକ ବଡ଼ ଘର ଥିଲା ଯହିଁରେ ଲୋକମାନେ ଯାଇ ପ୍ରାର୍ଥନା କରୁଥିଲେ ।) ମାର୍କ ନିଶ୍ଚେ ଗୃହର ସୁଖସ୍ୱାଚ୍ଛନ୍ଦ୍ୟ ସହିତ ଅଭ୍ୟସ୍ତ ଥିଲେ, କିନ୍ତୁ ବର୍ଣ୍ଣବା ଓ ପାଉଲଙ୍କ ସଙ୍ଗେ ଯିବା ସମୟରେ ସେମାନଙ୍କ ସହିତ ଜାହାଜରେ ବା ଗଧଉପରେ ଚଢ଼ି ଯିବାକୁ ହେଉଥିଲା । କିଛି ଦିନ ପରେ ଜନ୍ ମାର୍କ ଅନୁଭବ କଲେ ଯେ, ସେ ଏହି କଠିନ ପରିସ୍ଥିତିରେ କାର୍ଯ୍ୟ କରିପାରିବେ ନାହିଁ, ତେଣୁ ସେ ଘରକୁ ଚାଲିଯିବାକୁ ଚାହିଁଲେ । ପାଉଲ ଏହି ଘଟଣାକୁ ଭୁଲି ପାରି ନ ଥିଲେ । ତେଣୁ ପାଉଲ ଓ ବର୍ଣ୍ଣବା ଯେତେବେଳେ ଦ୍ୱିତୀୟ ପ୍ରଚାର ଯାତ୍ରାରେ ବାହାରିଯିବାକୁ ପ୍ରସ୍ତୁତ ହେଲେ ବର୍ଣ୍ଣବା ପୁଣି ଜନ୍ ମାର୍କଙ୍କୁ ସେମାନଙ୍କ ସହିତ ନେବାକୁ ଚାହିଁଲେ । ପାଉଲ କିନ୍ତୁ ସେଥିରେ ରାଜି ହୋଇ ନ ଥିଲେ, କାରଣ ପ୍ରଥମ ଯାତ୍ରାରେ ଯାହା ଘଟିଥିଲା ସେ ତାହା ମନେ ପକାଇଲେ ।

ବର୍ଣ୍ଣବା ଜଣେ କୃପାଳୁ ଓ କ୍ଷମାଶୀଳ ବ୍ୟକ୍ତି ଥିଲେ ଏବଂ ସେ ବିଶ୍ୱାସ କରୁଥିଲେ ଯେ ଜଣେ ଦ୍ୱିତୀୟ ଥର ସୁଯୋଗ ପାଇବା ଉଚିତ । କିନ୍ତୁ ପାଉଲ ଏହା କରିବାକୁ ଇଚ୍ଛୁକ ନ ଥିଲେ । ବ୍ୟକ୍ତିତ୍ୱର ଭିନ୍ନତା ଏହି କଳହର କାରଣ ଥିଲା । କିନ୍ତୁ ପାଉଲ ବୃଦ୍ଧ ହେବା ସମୟରେ କୋମଳ ହୋଇ ଯାଇଥିଲେ, ଓ ତୀମଥିଙ୍କୁ କହିଲେ, "ମାର୍କଙ୍କୁ ତୁମ୍ଭ ସଙ୍ଗରେ ଘେନି ଆସ, କାରଣ ମୋର ସେବା ନିମନ୍ତେ ସେ ଉପକାରୀ" (୨ତୀମଥି ୪:୧୧) । ଜନ୍ ମାର୍କ ମଧ୍ୟ ସେହି ସମୟରେ ଆତ୍ମିକ ଭାବରେ ପରିପକ୍ୱ ହୋଇଯାଇଥିଲେ ।

## ଦଳାଦଳି ଓ ସଂକୀର୍ଣ୍ଣ ଗୋଷ୍ଠୀ

**୧କରିନ୍ଥୀୟ ୩:୩-୫**

**୩ ଯେଣୁ, ଏପର୍ଯ୍ୟନ୍ତ ତୁମ୍ଭେମାନେ ଶାରୀରିକ ଅଟ । କାରଣ ଯେତେବେଳେ ତୁମ୍ଭମାନଙ୍କ ମଧ୍ୟରେ ଈର୍ଷା ଓ ବିବାଦ ରହିଅଛି, ତୁମ୍ଭେମାନେ କି ଶାରୀରିକ ନୁହଁ ଓ ମନୁଷ୍ୟର ସ୍ୱଭାବ ଅନୁସାରେ କି ଆଚରଣ କରୁନାହଁ ?**
**୪ ଯେହେତୁ ଯେତେବେଳେ ଜଣେ କୁହେ, ମୁଁ ପାଉଲଙ୍କର, ପୁଣି ଆଉ ଜଣେ କୁହେ, ମୁଁ ଆପଲ୍ଲଙ୍କର, ସେତେବେଳେ ତୁମ୍ଭେମାନେ କି ଶାରୀରିକ ନୁହଁ ?**
**୫ ଆପଲ୍ଲ କିଏ ? ପାଉଲ ବା କିଏ ? ସେମାନେ ତ ସେବକମାତ୍ର, ଯେଉଁମାନଙ୍କ ଦ୍ୱାରା, ପ୍ରତ୍ୟେକଙ୍କୁ ପ୍ରଭୁ ଯେପରି ଦେଇଅଛନ୍ତି, ତଦନୁସାରେ ତୁମ୍ଭେମାନେ ବିଶ୍ୱାସ କରିଅଛ ।**

କରିନ୍ଥୀ ମଣ୍ଡଳୀରେ ଦଳଭେଦ ରହିଥିଲା । ଦଳେ ଲୋକ କହୁଥିଲେ ଆମେ 'ପାଉଲଙ୍କ' ପରି ଖ୍ରୀଷ୍ଟିୟାନ ତ ଅନ୍ୟ ଦଳ କହୁଥିଲେ ଆମେ 'ଆପଲ୍ଲଙ୍କ' ପରି ଖ୍ରୀଷ୍ଟିୟାନ । ତେଣୁ ଗୋଟିଏ ମଣ୍ଡଳୀରେ ହିଁ ଗୋଟିଏ ଗୋଷ୍ଠୀ ପାଉଲଙ୍କର ସମର୍ଥକ ଥିଲେ ଓ ଅନ୍ୟ ଗୋଷ୍ଠୀ ଆପଲ୍ଲଙ୍କ ସମର୍ଥକ ଥିଲେ । ସେହି ମଣ୍ଡଳୀକୁ ଉଠାଇବାରେ ଈଶ୍ୱର ପାଉଲଙ୍କୁ ବ୍ୟବହାର କରିଥିଲେ । କିନ୍ତୁ ଅନେକ ଦିନ ପରେ କ୍ଷୁଦ୍ର ଗୋଷ୍ଠୀଗୁଡ଼ିକ ପ୍ରକାଶ ପାଇଲା, ଫଳରେ କଳହ ଓ ବିଭାଜନ ସୃଷ୍ଟି ହେଲା ।

ପାଉଲ ସେମାନଙ୍କ ଭର୍ତ୍ସନା କରିଥିଲେ, କାରଣ ସେମାନେ ଶାରୀରିକ ଥିଲେ ଓ ସାଧାରଣ ଲୋକଙ୍କ ପରି ଆଚ଼ରଣ କରୁଥିଲେ । ସେ କହିଲେ ସେମାନଙ୍କ ମଧ୍ୟରୁ କେତେଜଣ ପାଉଲଙ୍କର ଓ କେତେଜଣ ଆପଲ୍ଲଙ୍କର ବୋଲି କହିବା ଠିକ୍ ନୁହେଁ । ସେ ସେମାନଙ୍କୁ କହିଲେ ଯେ ପାଉଲ ଓ ଆପଲ୍ଲ ଉଭୟେ ଈଶ୍ୱରଙ୍କର ସେବକଗଣ ଓ ସେମାନଙ୍କ ଦ୍ୱାରା ତୁମେ ଯୀଶୁଙ୍କଠାରେ ବିଶ୍ୱାସ କରିଛ । ପାଉଲ ବା ଆପଲ୍ଲ ନୁହଁନ୍ତି, ମାତ୍ର **ଈଶ୍ୱର** ହିଁ **ପ୍ରଭୁ** ଅଟନ୍ତି ।

ଆମେମାନେ ବିଶ୍ୱାସୀମାନଙ୍କର ଏକ ଶରୀରରୂପେ ସେହି ମନୋଭାବ ଧାରଣ କରିବାକୁ ହେବ- ମଣ୍ଡଳୀ ଆମ ବିଷୟରେ ନୁହେଁ, ବା କୌଣସି ବ୍ୟକ୍ତି ବିଶେଷରେ ନୁହେଁ, ମାତ୍ର କେବଳ ଯୀଶୁଙ୍କର ଅଟେ । ଆମେମାନେ କେବେହେଲେ କହିବା ନାହିଁ, "ମୁଁ ପାଳକଙ୍କ ସମର୍ଥକ", ବା "ଆମେ ଅମୁକ ନେତା ବା ଅମୁକ ପ୍ରଭୁଙ୍କ ଦାସଙ୍କର ସମର୍ଥକ", କାରଣ ଏହା ଦ୍ୱାରା ମଣ୍ଡଳୀରେ କଳହ ସୃଷ୍ଟି ହେବାର ଅବକାଶ ରହିଥାଏ । ଆମେ ଜଗତର ମଣ୍ଡଳୀ ଓ ସେବାକାର୍ଯ୍ୟସବୁକୁ ଅନୁଧ୍ୟାନ କଲେ ଦେଖିପାରିବା ଯେ ଅନେକ ମଣ୍ଡଳୀ ଯଦି ଧ୍ୱଂସ ପାଇଯାଉଛି ତେବେ ତା' ପଛରେ ଥିବା ମୁଖ୍ୟ କାରଣ ହେଉଛି ଯେ ଲୋକମାନେ କେତେଜଣ ପ୍ରଭୁଙ୍କ ଦାସଙ୍କର ସମର୍ଥନ କରୁଛନ୍ତି ତ ଅନ୍ୟମାନଙ୍କର ଉପେକ୍ଷା କରୁଛନ୍ତି । ତେଣୁ ପାଉଲ ଲେଖନ୍ତି, "କେହି ମନୁଷ୍ୟଠାରେ ଗର୍ବ ନ କରୁ" (୧କରିନ୍ଥୀୟ

୩:୨୧)। ଯଦି ଆମେ ସମସ୍ତେ ଯୀଶୁ ଖ୍ରୀଷ୍ଟଙ୍କଠାରେ ଆମର ଧ୍ୟାନ କେନ୍ଦ୍ରିତ କରି ରଖିବା ଏବଂ କୌଣସି ନେତାଙ୍କୁ ଅଧିକ ଗୁରୁତ୍ୱ ନ ଦେବା, ତେବେ ମାଣ୍ଡଳିକ ଭାବରେ ଆମେ ଦୃଢ଼ ଭାବରେ ବୃଦ୍ଧି ପାଇବା ଏବଂ ସ୍ଥିର ଓ ଐକ୍ୟବଦ୍ଧ ହୋଇ ରହିପାରିବା। ଅବଶ୍ୟ ଆମେ ମଣ୍ଡଳୀର ନେତାମାନଙ୍କର ଅଧିକାର ପ୍ରତି ସମ୍ମାନ ଜଣାଇବାକୁ ହେବ, କିନ୍ତୁ ବୁଝିବାକୁ ହେବ ଯେ ଏହି ନେତାମାନେ କେବଳ ସେବକ ଅଟନ୍ତି ଯେଉଁମାନଙ୍କ ଦ୍ୱାରା ଈଶ୍ୱର ଆମମାନଙ୍କ ମଧ୍ୟରେ କାର୍ଯ୍ୟ କରିଥାନ୍ତି। ଯଦି କେହି ପଚାରନ୍ତି, ଆପଣ ମଣ୍ଡଳୀରେ କାହାକୁ ସମର୍ଥନ ବା ପସନ୍ଦ କରନ୍ତି, କୁହନ୍ତୁ ନାହିଁ ଯେ ଆପଣ ପାଳକଙ୍କୁ ସମର୍ଥନ କରନ୍ତି, ମାତ୍ର କୁହନ୍ତୁ ଯେ ଆପଣ ଯୀଶୁଙ୍କୁ ସମର୍ଥନ କରନ୍ତି ଓ ତାଙ୍କୁ ପସନ୍ଦ କରନ୍ତି।

ଯୀଶୁଙ୍କ ଉପରେ ଆମର ଦୃଷ୍ଟିନିବଦ୍ଧ ରହିଲେ, ଆମେ ଅଧିକ ରାସ୍ତା ଯାଇ ପାରିବା ଓ ଈଶ୍ୱରଙ୍କ ନିରୂପିତ ଦୂରତାକୁ, ତାଙ୍କର ମଣ୍ଡଳୀ ଭାବରେ, ଆମେ ଅତିକ୍ରମ କରିପାରିବା, ଏବଂ କୌଣସି ବିଷୟ ଆମକୁ ବିଚ୍ଛିନ୍ନ କରିପାରିବ ନାହିଁ। ପାଳକମାନେ ମଣ୍ଡଳୀକୁ ବିଭାଜନରୁ ବଞ୍ଚାଇ ଏକାଠି ରଖିଥିବା ଦେଖିଲେ ମୋତେ ଆଶ୍ଚର୍ଯ୍ୟ ଲାଗେ। ଅନେକଥର ଆମେ ପାଳକ ବା ସେବକମାନେ ଏହା କହିବା ଶୁଣିଥାଉ ଯେ ସେମାନଙ୍କ ମଣ୍ଡଳୀରେ ଏକାଧିକଥର ବିଭାଜନ ଘଟିଛି। କେବଳ ଜଣେ ମାତ୍ର ପାଳକ ମୋତେ କହିଛନ୍ତି ଯେ ତାଙ୍କ ମଣ୍ଡଳୀରେ ଏଯାଏଁ କୌଣସି ବିଭାଜନ ହୋଇନାହିଁ। ଅଲ୍ ପିପୁଲ୍ସ ଚର୍ଚ୍ଚକୁ ମୁଁ ସେପରି ଭାବରେ ଦେଖିବାକୁ ଚାହେଁ- ଈଶ୍ୱରଙ୍କ ଆହ୍ୱାନ ଅନୁସାରେ ପୂର୍ଣ୍ଣମାତ୍ରାରେ ବୃଦ୍ଧି ପାଇବା, ଅନେକ ନେତା ଓ ସେବକମାନଙ୍କ ସଙ୍ଗେ ମିଳିମିଶି ସେବାକାର୍ଯ୍ୟ କରିବା, କିନ୍ତୁ ଯୀଶୁଙ୍କ ଉପରେ ହିଁ ଦୃଷ୍ଟି ନିବଦ୍ଧ କରି ରଖିବା, କୌଣସି ପାଳକ, ନେତା ବା ବିଶ୍ୱାସୀଙ୍କ ଉପରେ ନୁହେଁ।

**ଗାଲାତୀୟ ୫:୧୯-୨୧**

**୧୯ ଶରୀରର କାର୍ଯ୍ୟଗୁଡ଼ାକ ତ ସ୍ପଷ୍ଟରୂପେ ଜଣା- ବ୍ୟଭିଚାର, ଅଶୁଚିତା,**

**୨୦ କାମୁକତା, ପ୍ରତିମାପୂଜା, କୁହୁକ, ଶତ୍ରୁତା, ବିବାଦ, ଦ୍ୱେଷ, କ୍ରୋଧ, ସ୍ୱାର୍ଥପରତା, ଦଳଭେଦ, ମତଭେଦ, ଈର୍ଷା,**

**୨୧ ମତ୍ତତା, ରଙ୍ଗରସ ଇତ୍ୟାଦି ପ୍ରକାର କର୍ମଗୁଡ଼ାକ; ମୁଁ ପୂର୍ବରେ ଯେପରି ତୁମ୍ଭମାନଙ୍କୁ କହିଥିଲି, ସେହିପରି ଆଗରୁ କହୁଅଛି ଯେ, ଯେଉଁମାନେ ଏହି ସବୁପ୍ରକାର କର୍ମ କରନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ।**

ରୋମୀୟ ୮:୮
ଯେଉଁମାନେ ଶରୀରର ବଶରେ ଅଛନ୍ତି, ସେମାନେ ଈଶ୍ୱରଙ୍କର ସନ୍ତୋଷପାତ୍ର ହୋଇ ପାରନ୍ତି ନାହିଁ ।

## ଆନୁମାନିକ ଧାରଣାଗୁଡ଼ିକୁ ନେଇ ବିବାଦ କରିବା

୧ତୀମଥି ୬:୩-୫
୩ କେହି ଯଦି ଭିନ୍ନ ପ୍ରକାର ଶିକ୍ଷା ଦେଇ ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ହିତଜନକ ବାକ୍ୟ ଓ
ଈଶ୍ୱରପରାୟଣତା ଅନୁଯାୟୀ ଶିକ୍ଷା ସ୍ୱୀକାର ନ କରେ,
୪ ତେବେ ସେ ଅସାରଗର୍ବୀ ଓ ଅଜ୍ଞାନ, ପୁଣି ବାଦାନୁବାଦ ଓ ବାଗ୍‌ଯୁଦ୍ଧରେ ମତ୍ତ; ସେଥିରୁ ଈର୍ଷା,
ବିବାଦ, ପରନିନ୍ଦା, କୁତ୍ସିତ ସନ୍ଦେହ,
୫ ପୁଣି ଯେଉଁମାନେ ଈଶ୍ୱରପରାୟଣତାକୁ ଲାଭର ଉପାୟ ବୋଲି ମନେ କରନ୍ତି, ଏପରି ଭ୍ରଷ୍ଟମନା
ଓ ସତ୍ୟବର୍ଜିତ ଲୋକମାନଙ୍କର ନିତ୍ୟ ବିରୋଧ ଜନ୍ମେ ।

ଶାସ୍ତ୍ର ସମର୍ଥନ କରୁ ନ ଥିବା କଥା ଓ ମତାମତକୁ ନେଇ ବିବାଦ ଓ ତର୍କବିତର୍କ କରିବା ମଧ୍ୟ କଳହକୁ ଜନ୍ମ ଦେଇଥାଏ । ମଣ୍ଡଳୀରେ ଲୋକମାନେ ଛୋଟ ବିଷୟକୁ ନେଇ ଯୁକ୍ତିତର୍କ କରିଥାନ୍ତି । ଉଦାହରଣ ସ୍ୱରୂପ, କେତେ ଜଣ ଯୁକ୍ତି କରିଥାନ୍ତି ଯେ ବାପ୍ତିସ୍ମ ଦେବା ସମୟରେ ଆଗକୁ ନେଇ ବୁଡ଼ାଇବା "ଠିକ୍ ପ୍ରକ୍ରିୟା" ଅଟେ ତ କେତେଜଣ କହନ୍ତି ପଛକୁ ନେଇ ବୁଡ଼ାଇବା ହିଁ "ଠିକ୍ ପ୍ରକ୍ରିୟା" । ସେମାନେ ବାଇବଲ ଇତିହାସ ଲେଖକମାନଙ୍କ ଲେଖାକୁ ଉଦ୍ଧୃତ କରି କହନ୍ତି ଯେ ଏକ ନିର୍ଦ୍ଦିଷ୍ଟ ଭାବରେ ବାପ୍ତିସ୍ମ ଦିଆଯାଉଥିଲା । ତେବେ ମୁଁ କହିବି ଯଦି ଜଣେ ବ୍ୟକ୍ତିକୁ ଜଳରେ ଡୁବାଇ ଜୀବିତ ଅବସ୍ଥାରେ ଜଳରୁ ଉଠାଇ ଅଣାଯାଏ ତେବେ ସେ ବାପ୍ତିଜିତ ହୋଇଛି । ଲୋକମାନଙ୍କର ମତାମତକୁ ନେଇ ଯୁଦ୍ଧ କରିବା ଅପେକ୍ଷା, ଆମେ ଈଶ୍ୱରଙ୍କ ହିତକର ବାକ୍ୟ ପ୍ରତି ଧ୍ୟାନ ଦେବା ଓ ସେଥିରେ ଏକମତ ହେବା ଉଚିତ କାରଣ ତାହା ବିବାଦିତ ନୁହେଁ । ଏଣୁ ଲୋକମାନଙ୍କ ମତସବୁକୁ ଗୁରୁତ୍ୱ ଦେବା ଅନୁଚିତ । ଆନୁମାନିକ ଧାରଣାଗୁଡ଼ିକଠାରୁ ଦୂରେଇ ରୁହନ୍ତୁ । ଯଦି ଈଶ୍ୱରଙ୍କ ବାକ୍ୟର ଅନେକ ଶିକ୍ଷା ସୁସ୍ପଷ୍ଟ ନୁହେଁ, ତେବେ ଆମେ ଯେତେ ଦୂର ବୁଝିଛୁ, ତାକୁ ନେଇ ବଞ୍ଚିବାକୁ ହେବ ।

## ନିର୍ବୋଧ ପ୍ରଶ୍ନସବୁ

୨ତୀମଥି ୨:୨୩-୨୫
୨୩ ନିର୍ବୋଧ ଓ ବିତଣ୍ଡା ବାଦାନୁବାଦ ଯେ ବିରୋଧ ଜନ୍ମାଏ, ଏହା ଜାଣି ସେହିସବୁ ଅଗ୍ରାହ୍ୟ କର ।
୨୪ ପ୍ରଭୁଙ୍କ ଦାସ ବିରୋଧ କରିବା ଉଚିତ ନୁହେଁ, ମାତ୍ର ସମସ୍ତଙ୍କ ପ୍ରତି କୋମଳ, ଶିକ୍ଷାଦାନରେ ନିପୁଣ
୨୫ ଓ ସହିଷ୍ଣୁ ହେବା ଏବଂ ବିରୋଧୀମାନଙ୍କୁ ମୃଦୁଭାବରେ ଶାସନ କରିବା ଉଚିତ, ତାହାହେଲେ
କେଜାଣି ଈଶ୍ୱର ସେମାନଙ୍କୁ ସତ୍ୟ ସମ୍ବନ୍ଧରେ ଜ୍ଞାନପ୍ରାପ୍ତ ହେବା ପାଇଁ ମନପରିବର୍ତ୍ତନରୂପ ବର ଦେବେ ।

ନିର୍ବୋଧ ଓ ବିତଣ୍ଡା ପ୍ରଶ୍ନଗୁଡ଼ିକ ଏଡ଼ାଇ ଯାଆନ୍ତୁ କାରଣ ତଦ୍ଵାରା କଳହ ଜନ୍ମେ । ଉଦାହରଣ ସ୍ଵରୂପ, ଆପଣ ଜଣେ କଲେଜ ବନ୍ଧୁ ଜନ୍‌ଙ୍କ ନିକଟରେ ସାକ୍ଷ୍ୟ ଦେବାକୁ ଚାହାନ୍ତି ଯେ କି ଖ୍ରୀଷ୍ଟିୟାନ ପରିବାରରେ ଜନ୍ମଗ୍ରହଣ କରିଥିଲେ ସୁଦ୍ଧା ଜଣେ ବିଶ୍ଵାସୀ ନୁହେଁ । ଆପଣ ତାକୁ ପଚାରିଲେ କାହିଁକି ସେ ଚର୍ଚ୍ଚ ଯାଉନାହିଁ । ସେ ସଙ୍ଗେ ସଙ୍ଗେ ଉତ୍ତର ଦିଏ ଓ ପଚାରେ ଆପଣ କ'ଣ ସେହି "ପୁନର୍ଜନ୍ମପ୍ରାପ୍ତ ଦଳର" । ମନେକରନ୍ତୁ, ସେ ହୁଏତ ପଚାରେ, କୟିନ ଓ ହେବଲ ସେମାନଙ୍କ ସ୍ତ୍ରୀ କେଉଁଠି ପାଇଲେ, ତାହା କହିଲେ ସେ ଆପଣଙ୍କ କଥା ଶୁଣିବ । ସେହି ପ୍ରଶ୍ନରେ ଆପଣ ହରବରେଇ ଯାଆନ୍ତି ଓ ସେହି ପ୍ରଶ୍ନର ଉତ୍ତର ଦେବା ପାଇଁ ଈଶ୍ଵରଙ୍କଠାରୁ ଜ୍ଞାନ ମାଗନ୍ତି । ତା'ପରେ ଆପଣ କହନ୍ତି ଯେ ସେମାନେ ସେମାନଙ୍କ ଭଉଣୀମାନଙ୍କୁ ବିବାହ କରିଥିଲେ, ଯାହାକୁ ସେ ଉପହାସ କରି ଉଡ଼େଇଦିଏ । ଆପଣ ବିଗିଡ଼ି ଯାଇ ତା' ନିକଟରୁ ଚାଲିଯାଆନ୍ତି ।

ତେଣୁ କଳହକୁ ଜନ୍ମ ଦେଉଥିବା ପ୍ରଶ୍ନଗୁଡ଼ିକରୁ ଦୂରେଇ ରୁହନ୍ତୁ । ପାଉଲ ଚେ଼ତାବନୀ ଦିଅନ୍ତି ଯେ ପ୍ରଭୁଙ୍କ ଦାସମାନେ କଳହରୁ ଦୂରେଇ ରହିବା ଉଚିତ । ବାଇବଲ ସମ୍ପର୍କିତ ସବୁପ୍ରଶ୍ନର ଉତ୍ତର ଆପଣ ଜାଣିବା ଜରୁରୀ ନୁହେଁ । ଏପରି ପ୍ରଶ୍ନସବୁର ଉତ୍ତର ଦେବାଦ୍ଵାରା ଜନ୍ ଅନ୍ୟ କିଛି ପ୍ରଶ୍ନ ପଚାରିବ, ଯାହାକୁ ନେଇ ପ୍ରବଳ ବାଦାନୁବାଦ ହେବ ଏବଂ ସମ୍ଭବତଃ ତାଙ୍କ ସଙ୍ଗେ ଆପଣଙ୍କ ବନ୍ଧୁତା ତୁଟିଯିବ । ବରଂ ଏହା ବୁଦ୍ଧିର ବିଷୟ ହେବ ଯଦି ଆପଣ ଜନ୍‌କୁ କହିବେ ଯେଉଁ ବିଷୟ ତାଙ୍କ ପାଇଁ ଉପଯୋଗୀ ହେବ ସେପରି ବିଷୟକୁ ନେଇ ସେ ଆଲୋଚ଼ନା କରୁ ଏବଂ ତା'ପରେ ତାକୁ ଖ୍ରୀଷ୍ଟଙ୍କ ପ୍ରେମ ବିଷୟରେ କହନ୍ତୁ ।

**ଅନ୍ୟମାନଙ୍କ ସଙ୍ଗେ ସମ୍ପର୍କରେ ଆମେମାନେ କଳହ ବା ବିବାଦ ସୃଷ୍ଟି କରିଥାଉ ଯଦି ଆମେ ଅହଙ୍କାରୀ ହୋଇ ଅନ୍ୟମାନଙ୍କର ଉତ୍ତମ ଧାରଣାକୁ ଗ୍ରହଣ କରି ନ ଥାଉ, ବା ଅନ୍ୟମାନଙ୍କ କାର୍ଯ୍ୟପ୍ରଣାଳୀକୁ ଗ୍ରହଣ କରି ନ ଥାଉ, କାରଣ ଏହା ଆମର କାର୍ଯ୍ୟପ୍ରଣାଳୀ ବା ଧାରଣାର ବହିର୍ଭୁତ ହୋଇଥାଏ ।**

# ୩

# କଳହର ନକାରାତ୍ମକ ପ୍ରଭାବସବୁ

ଯାକୁବ ୩:୧୬
କାରଣ ଯେଉଁ ସ୍ଥାନରେ ଈର୍ଷା ଓ ସ୍ୱାର୍ଥପରତା ଥାଏ, ସେହି ସ୍ଥାନରେ ସମସ୍ତପ୍ରକାର ଦୁଷ୍କର୍ମ ଥାଏ ।

## ବିଶୃଙ୍ଖଳା ଓ ପ୍ରତ୍ୟେକ ମନ୍ଦକାର୍ଯ୍ୟ ପ୍ରତି ଏହା ଦ୍ୱାର ଖୋଲିଦିଏ

ବାଇବଲ କହେ ଯେଉଁଠାରେ ପରଶ୍ରୀକାତରତା, ସ୍ୱାର୍ଥଗତ ଉଚ୍ଚାକାଂକ୍ଷା ଓ ସ୍ୱାର୍ଥାନ୍ୱେଷଣ ରହିଥାଏ ସେଠାରେ କଳହର ସୂତ୍ରପାତ ହୋଇଥାଏ । ଆମେ ଯେତେବେଳେ କାହା ସହିତ କଳହ ଆରମ୍ଭ କରିଥାଉ, ଆମେ ବିଶୃଙ୍ଖଳା ଓ ପ୍ରତ୍ୟେକ ମନ୍ଦକାର୍ଯ୍ୟ ପ୍ରତି ଦ୍ୱାର ଖୋଲିଦେଇଥାଉ । ଏହାର ଅର୍ଥ ଆମେ ଦ୍ୱାର ଖୋଲି ଶୟତାନକୁ ଆମ କଳହରେ ଅଂଶୀ ହେବାପାଇଁ ଆମନ୍ତ୍ରିତ କରିଥାଉ । ଏହାଦ୍ୱାରା ଆମେ ଶୟତାନକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥାଉ ଯେପରି କି ସେ ଆମ ଜୀବନକୁ ଆସି ଯାହା ଚାହିଁବ ତାହା କରିବ । ସେ ଆମ ଶରୀରକୁ ରୋଗ ବ୍ୟାଧି ଦ୍ୱାରା ନଷ୍ଟ କରିବ, ଆମ ବ୍ୟବସାୟ ଓ ପରିବାରରେ ବିଶୃଙ୍ଖଳା ସୃଷ୍ଟି କରିବ ଏବଂ ଅବସାଦ, ବିଫଳତା, ଅର୍ଥାଭାବ, ଇତ୍ୟାଦି ଘଟାଇବ । କଳହ ମଧ୍ୟରେ ପ୍ରବେଶ କଲେ ପ୍ରତ୍ୟେକ ପୈଶାଚିକ କାର୍ଯ୍ୟ ହୋଇଥାଏ ।

ଉଦାହରଣସ୍ୱରୂପ, ଯଦି ମଣ୍ଡଳୀରେ କଳହ ପ୍ରବେଶ କରେ, ମଣ୍ଡଳୀରେ ବିଭାଜନ ହେବା ସୁନିଶ୍ଚିତ । ଶୟତାନ ମଣ୍ଡଳୀରେ ପ୍ରବେଶ କରିବାକୁ ସୁଯୋଗପାଏ ଏବଂ ସେଠାରେ ସମସ୍ତ ପ୍ରକାର ଦୁଷ୍କର୍ମ ସଂଘଟିତ କରେ ଯେପରି ମଣ୍ଡଳୀ ଧ୍ୱଂସ ପାଇଯିବ । ସେହିପରି, ଯଦି ବିବାହରେ କଳହ ପ୍ରବେଶ କରେ, ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଗଣ୍ଡଗୋଳ ଲାଗି ରହେ ଓ ଶୟତାନ ସେହି ପରିବାରକୁ ଭାଙ୍ଗି ଦେବାରେ ସକ୍ଷମ ହୁଏ । ଆମ ସମସ୍ତଙ୍କ ଗୃହରେ ଝଗଡ଼ା ହୋଇଥାଏ, ଯଦିବା ଅନେକେ ମନେ କରନ୍ତି ସେମାନଙ୍କ ବିବାହରେ କୌଣସି କଳହ ହୋଇନାହିଁ । ମୋ ସ୍ତ୍ରୀ ଆମି ଓ ମୁଁ ମଧ୍ୟ ବେଳେବେଳେ ଝଗଡ଼ା କରିଥାଉ । ତେଣୁ ଆମେ ଯଦି ଆମମାନଙ୍କ ଜୀବନକୁ କଳହମୁକ୍ତ ରଖିବାକୁ ଯଥାସାଧ୍ୟ ଚେଷ୍ଟା ନ କରୁ,

ଏହା ନିଶ୍ଚିତ ଯେ ଶତ୍ରୁ ପ୍ରବେଶ କରି ଆମ ବିବାହକୁ ଭାଙ୍ଗିଦେବ ଓ ଆମମାନଙ୍କ ଜୀବନକୁ ଛାରଖାର କରି ଦେବ ।

ତେଣୁ, ଆମେ ସର୍ବଦା ଈଶ୍ୱରଙ୍କୁ ମାଗିବା ଯେପରି ଆମକୁ ଯେ କଳହମୁକ୍ତ ଜୀବନଯାପନ କରିବାରେ ସାହାଯ୍ୟ କରନ୍ତି, ଅନ୍ୟମାନେ ଯାହା କହନ୍ତି ଓ କରନ୍ତି ସେଥିରେ କିଛି ଯାଏ ଆସେ ନାହିଁ । ଯଦି ଆମେ ଚାହୁଁ ଯେ ଆମମାନଙ୍କ ଜୀବନ ମଧ୍ୟରେ କୌଣସି ମନ୍ଦ ବିଷୟ ପ୍ରବେଶ ନ କରୁ, ତେବେ ଆମେ ଏହି କଳହରୂପ କର୍କଟରୋଗରୁ ନିଜ ନିଜକୁ ରକ୍ଷା କରିବାକୁ ହେବ ।

## ୪

# ଆପଣଙ୍କ ଜୀବନକୁ କିପରି କଳହମୁକ୍ତ ରଖିବେ ?

ପ୍ରତ୍ୟେକ ବ୍ୟକ୍ତି କଳହ ମଧ୍ୟ ଦେଇ ଯାଇଥାଏ । ଆମେ ସମସ୍ତେ କୌଣସି ନା କୌଣସି ସମୟରେ ଅନ୍ୟମାନଙ୍କ ସଙ୍ଗେ କଳହ କରିଛୁ, କିନ୍ତୁ କଳହ ଏପରି ଏକ ଭୟଙ୍କର ବିଷୟ ଯେ ଆମେ ପାରୁପର୍ଯ୍ୟନ୍ତ ଚେଷ୍ଟା କରିବାକୁ ହେବ କିପରି ଆମେ ଜୀବନକୁ କଳହମୁକ୍ତ ରଖିବା ।

**ହିତୋପଦେଶ ୧୭:୧**
**ବିବାଦଯୁକ୍ତ ଭୋଜରେ ପୂର୍ଣ୍ଣ ଗୃହ ଅପେକ୍ଷା ଶାନ୍ତି ସହିତ କଣେକ ଶୁଷ୍କ ଅନ୍ନ ଭଲ ।**

ଗୋଟିଏ ବଡ଼ଘରେ ଭୋଜିଭାତ ଓ ଉତ୍ସବ ଲାଗିରହୁଛି ଅର୍ଥାତ୍ ଆନନ୍ଦର ବାତାବରଣ ରହିଛି, କିନ୍ତୁ ସେଠାରେ ଯଦି କଳହ ଲାଗିଛି ତେବେ ଗୋଟିଏ ଛୋଟ ଘରେ ରହି ଶାନ୍ତିରେ ମୁଠାଏ ଶୁଖିଲା ଭାତ ଖାଇବା ବରଂ ଭଲ ।

**ହିତୋପଦେଶ ୨୦:୩**
**ବିବାଦରୁ ନିବୃତ୍ତ ହେବାର ମନୁଷ୍ୟର ଗୌରବ; ମାତ୍ର ପ୍ରତ୍ୟେକ ମୂର୍ଖ ଲୋକ କନ୍ଦଳ କରଇ ।**

କଳହରେ ଜଡ଼ିତ ନ ହେବା ଦ୍ୱାରା ମନୁଷ୍ୟ ନିଜର ମାନମର୍ଯ୍ୟାଦା ରକ୍ଷା କରେ, କିନ୍ତୁ ମୂର୍ଖ କନ୍ଦଳ ଲଗାଇବାକୁ ସଦା ତତ୍ପର ଥାଏ । ଝଗଡ଼ା କରିବା ପାଇଁ ବୁଦ୍ଧିର ଆବଶ୍ୟକତା ହୋଇ ନ ଥାଏ, କିନ୍ତୁ ଜଣେ ଚରିତ୍ରବାନ୍ ବ୍ୟକ୍ତି ବା ମର୍ଯ୍ୟାଦା ରକ୍ଷା କରୁଥିବା ଜଣେ ସ୍ତ୍ରୀ ଝଗଡ଼ା କରିବାକୁ ଚାହିଁବ ନାହିଁ ।

କଳହମୁକ୍ତ ରହିବା ଏକ ଉତ୍ତମ ଚରିତ୍ରର ଲକ୍ଷଣ ଓ ଏହାଠାରୁ ଦୂରେଇ ରହିବା ଏକ ମର୍ଯ୍ୟାଦାର ବିଷୟ ।

## କଳହକୁ ସୁଯୋଗ ଦିଅନ୍ତୁ ନାହିଁ

**ହିତୋପଦେଶ ୧୭:୧୪**
**କଳିର ଆରମ୍ଭ କେହି (ବନ୍ଧ କାଟି) ଜଳ ଛାଡ଼ି ଦେବା ପରି; ଏଣୁ କନ୍ଦଳ ହେବା ପୂର୍ବେ ବିବାଦ ଛାଡ଼ ।**

ଉଦାହରଣସ୍ୱରୂପ, ଜଣେ ବନ୍ଧୁଙ୍କ ସଙ୍ଗେ ମିଶି କଣେ ଚାହା ପିଇବା ସମୟରେ ଅନେକ ବିଷୟରେ ଆମେ ଆଲୋଚ଼ନା କରିଥାଉ ଓ ହୁଏତ ଥରେ ଭାରତର ଶ୍ରେଷ୍ଠ କ୍ରିକେଟର୍ କିଏ ଆଲୋଚ଼ନା ହେଲା । ଆମେ 'ସଚିନ୍' କହିଲୁ କିନ୍ତୁ ବନ୍ଧୁଜଣକ ଅନ୍ୟକାହାର ନାମ କହିଲେ, ଏପରି ଆଲୋଚନା ଚାଲିଲା । କିନ୍ତୁ ଆମେ ଲକ୍ଷ୍ୟ କରିଥିବୁ ଯେ ଆମର 'ତାପମାତ୍ରା' ବଢ଼ିଯାଇଥିଲା । ଏକ ସାଧାରଣ, ଉତ୍ତମ ଆଚ଼ରଣ ବିଶିଷ୍ଟ ଓ ସଦୁଦ୍ଦେଶ୍ୟପୂର୍ଣ୍ଣ ଆଲୋଚ଼ନା ହଠାତ୍ ତୀବ୍ର ଆଲୋଚ଼ନା ଆଡ଼କୁ ଗତି କଲା । ଏକ ସାଂଘାତିକ ତର୍କବିତର୍କ ଆଡ଼କୁ ଏହା ଯାଉଥିବା ମନେ ହେଲା । ହୁଏତ ଏକ ଝଗଡ଼ାର ସୂତ୍ରପାତ ହୋଇଥାନ୍ତା । ଯେତେବେଳେ ଆମେ ଦେଖୁଛୁ ଯେ କଥା ବଢ଼ି ବଢ଼ି ଯାଉଛି ଆମେ ତତ୍‌କ୍ଷଣାତ୍ ଆଲୋଚ଼ନା ବନ୍ଦ କରିଦେବା ଉଚିତ । ଆମେ ବିଷୟବସ୍ତୁକୁ ବଦଳାଇ ଅନ୍ୟ କୌଣସି ପ୍ରସଙ୍ଗକୁ ନେଇ ଆଲୋଚ଼ନା କରିପାରୁ । ଏପରି ପରିସ୍ଥିତିରୁ କିପରି ବାହାରି ଆସିବା ତାହା ଆମେ ଜାଣିବା ଆବଶ୍ୟକ । କୌଣସି ବନ୍ଧରେ ପାଣି ଝରୁଥିଲେ, ତତ୍‌କ୍ଷଣାତ୍ ତା'ର ମରାମତି ଆବଶ୍ୟକ, ନ ହେଲେ ବନ୍ଧ ଭାଙ୍ଗିଯିବ । କଳହକୁ ଆମେ ସୁଯୋଗ ଦେବା ଅନୁଚିତ ।

## ନିଜ କାର୍ଯ୍ୟରେ ମନ ଦିଅନ୍ତୁ

ନିଜ କାର୍ଯ୍ୟରେ ମନ ଦେବା ସରଳ ମନେ ହେଲେ ସୁଦ୍ଧା ବେଳେବେଳେ ଏହା ଅତି କଷ୍ଟକର ବିଷୟ ହୋଇଥାଏ । ଆମେ ଚ଼ିନ୍ତା କରିବା ଆବଶ୍ୟକ ଆମେ କରିବା ଉଚିତ ଏବଂ ଅନ୍ୟମାନେ ମଧ୍ୟ ଚ଼ିନ୍ତା କରିବା ଆବଶ୍ୟକ ସେମାନେ କ'ଣ କରିବା ଉଚିତ । ଏହାଦ୍ୱାରା ସମ୍ପର୍କସବୁ ବ୍ୟାହତ ହେବନାହିଁ ।

**ହିତୋପଦେଶ ୨୬:୧୭**
**ଯେଉଁ ଲୋକ ପଥରେ ଯାଉ ଯାଉ ଆପଣାର ଅସମ୍ପର୍କୀୟ ବିବାଦରେ ରାଗାନ୍ୱିତ ହୁଏ, ସେ କୁକୁର କାନ ଧରିବା ଲୋକ ତୁଲ୍ୟ ।**

ଭାରତର ନଗର ସବୁର ବିଭିନ୍ନ ଗଳିରେ ଆମେ ଅନେକ ସମୟରେ ଦେଖିଥାଉ ରାସ୍ତା କଡ଼ରେ ଦୁଇଜଣ ବ୍ୟକ୍ତି କଳହ କରୁଛନ୍ତି, କିନ୍ତୁ ଅନ୍ୟମାନେ ବିଷୟଟିକୁ ଜାଣି ନ ଥାନ୍ତି । ଉଦାହରଣ ସ୍ୱରୂପ, ଧରନ୍ତୁ ଦିନେ ଆମେ ରାସ୍ତାରେ ଯିବାବେଳେ ଦୁଇ ଜଣ ବ୍ୟକ୍ତି ଝଗଡ଼ା କରୁଥିବା ଦେଖିଲୁ । ସେମାନେ ଆମଲାଗି ଅଚ଼ିହ୍ନା ହୋଇଥିଲେ ସୁଦ୍ଧା ସେହି ପରିସ୍ଥିତିରେ "ମୁଖ୍ୟ ବିଚାରପତି" ପରି ଆମେ ଉଭୟଙ୍କ କଥା ଶୁଣିବା ଉଚିତ ଥିଲା ।

ତା' ପରିବର୍ତ୍ତେ ଆମେ ନ ବୁଝି ହଠାତ୍ ଅଣ୍ଟା ଭିଡ଼ି ସେମାନଙ୍କ ସଙ୍ଗେ ଲାଗିବାକୁ ପ୍ରସ୍ତୁତ ହୋଇଯାଇଥିଲୁ । ପରେ, ଆମେ ଚିନ୍ତା କଲୁ କାହିଁକି ଓ କିପରି ଆମେ ସେମାନଙ୍କ ସଙ୍ଗେ ଲାଗିଲୁ । ଏହି ବିଷୟକୁ ଆମେ ଅନାବଶ୍ୟକ ଭାବରେ ଆମନ୍ତ୍ରିତ କଲୁ । ବାଇବଲ ଆମମାନଙ୍କୁ ଏବିଷୟରେ କହେ, କୁକୁର କାନ ଟାଣିବା ଲୋକ ଯେପରି "ଅନ୍ୟର କଳହରେ ହସ୍ତକ୍ଷେପ କରିବା ଲୋକ" ସେହିପରି ।

"ମନୁଷ୍ୟ ତୁମ୍ଭର କ୍ଷତି ନ କଲେ ଅକାରଣରେ ତାହା ସହିତ ବିରୋଧ କରନାହିଁ" (ହିତୋପଦେଶ ୩:୩୦)- ଏହା ସାଧାରଣ ଜ୍ଞାନ ଯାହା ହିତୋପଦେଶରେ ଲେଖାଅଛି । ଏହା ଦୁଇ ଜଣ ବ୍ୟକ୍ତି ଝଗଡ଼ା କରୁଥିବା ବେଳେ, ସେମାନେ ଆମର କୌଣସି କ୍ଷତି କରି ନ ଥିଲେ ସୁଦ୍ଧା ଆମେ ସେମାନଙ୍କ ନ୍ୟାୟବିଚାର କରିବାକୁ ଚାହିଁବା ସଦୃଶ । ଏପରି କ୍ଷେତ୍ରରେ ଆମେ ସାହାଯ୍ୟ କରିବାକୁ ଯାଇ ପୋଲିସ୍‌କୁ ଡକାଇବା ବୁଦ୍ଧିମାନର କାର୍ଯ୍ୟ ହୋଇଥାନ୍ତା । ଆହୁରି ମଧ୍ୟ ଅନ୍ୟର ସମସ୍ୟାରେ ହସ୍ତକ୍ଷେପ କରିବା ଅନୁଚିତ । ଆମେ ଆମର ନିଜ କାର୍ଯ୍ୟରେ ମନ ଦେବା ଆବଶ୍ୟକ ଓ କୌଣସି ବିଷୟରେ ଯଦି ଆମର ସଂପୃକ୍ତି ନାହିଁ ସେଥିରେ ହସ୍ତକ୍ଷେପ କରି ବିପଦକୁ ଡାକି ଆଣିବା ଠିକ୍ ନୁହେଁ ।

## ନିଜର ଉଦ୍ଦେଶ୍ୟକୁ ଜଗନ୍ତୁ

ଅନେକ ସମୟରେ ଆମର ଉଦ୍ଦେଶ୍ୟ ଠିକ୍ ନ ଥାଇପାରେ । ଆମେ କଳହର ବଶବର୍ତ୍ତୀ ହୋଇ ପରିଚାଳିତ ହେଲେ, ବିପଦରେ ପଡ଼ିଯିବା ।

**ଫିଲିପ୍ପୀୟ ୨:୩**
**ସ୍ୱାର୍ଥପରତା ଅବା ଅସାର ଗର୍ବ ହେତୁ କିଛି କର ନାହିଁ, ବରଂ ନମ୍ରଚିତ୍ତ ହୋଇ ପ୍ରତ୍ୟେକେ ଅନ୍ୟକୁ ଆପଣାଠାରୁ ଶ୍ରେଷ୍ଠ ମନେ କର ।**

କଳହର ବଶବର୍ତ୍ତୀ ହୋଇ କୌଣସି ବିଷୟ ନ କରନ୍ତୁ । ଉଦାହରଣସ୍ୱରୂପ, ଯଦି କେହି ଆମକୁ ଏକ ମେଲ୍ ପଠାଇଛି ଯାହା ଆମକୁ ବିଗାଡ଼ିଦେଇଛି, ଆମେ ତାକୁ ପରଦିନ ଏକ ଭାଇରସ ପଠାଇବା ଅନୁଚିତ । ଏହା କଲେ, ଆମେ ଆମ ଜୀବନରେ କଳହକୁ ପ୍ରଶସ୍ତ ସ୍ଥାନ ଦେଇଥାଉ ।

**ଯାକୁବ ୪:୧,୨**
**୧ ତୁମ୍ଭମାନଙ୍କ ମଧ୍ୟରେ ଯୁଦ୍ଧ ଓ ବିବାଦ କେଉଁଠାରୁ ହୁଏ ? କଅଣ ତୁମ୍ଭମାନଙ୍କ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରେ ଯୁଦ୍ଧ କରୁଥିବା ସୁଖାଭିଳାଷରୁ ନୁହେଁ ?**

୨ ତୁମ୍ଭେମାନେ କାମନା କରିଥାଅ, କିନ୍ତୁ ପାଇ ନ ଥାଅ; ତୁମ୍ଭେମାନେ ବଧ ଓ ଈର୍ଷା କରିଥାଅ, କିନ୍ତୁ ପ୍ରାପ୍ତ ହେବାକୁ ଅକ୍ଷମ ହୋଇଥାଅ; ତୁମ୍ଭେମାନେ ବିବାଦ ଓ ଯୁଦ୍ଧ କରିଥାଅ, ତୁମ୍ଭେମାନେ ପାଇ ନ ଥାଅ, କାରଣ ତୁମ୍ଭେମାନେ ମାଗି ନ ଥାଅ ।

ଯଦି ଆମେ ମନ୍ଦ ଉଦ୍ଦେଶ୍ୟ ନେଇ ମନ୍ଦ କାର୍ଯ୍ୟସବୁ କରୁ, ତେବେ ସଂଘର୍ଷ ଓ କଳହର ସୂତ୍ରପାତ ହୁଏ । ତେଣୁ ଆମେ ଆମ ଉଦ୍ଦେଶ୍ୟସବୁ ଯାଞ୍ଚ କରିବା ସଙ୍ଗେ ସଙ୍ଗେ ସେସବୁକୁ ଜଗିରହିବା ଆବଶ୍ୟକ । ଯଦି ଆମର ଉଦ୍ଦେଶ୍ୟ ଅନ୍ୟ ଜଣେ ବ୍ୟକ୍ତି ଆମପ୍ରତି ଯାହା କରିଛି ତା' ପ୍ରତି ତାହା କରିବା, ତେବେ ଏହା କଳହ ମନୋଭାବଯୁକ୍ତ ଓ ଆମେ ତାହା କରିବା ଅନୁଚିତ ।

## ନିଜର ବାକ୍ୟକୁ ଜଗନ୍ତୁ

ଆମେ ଆମ ବାର୍ତ୍ତାଳାପରେ ସତର୍କ ହେବାକୁ ହେବ ।

**ହିତୋପଦେଶ ୧୮:୬**
**ମୂର୍ଖର ଓଷ୍ଠ ବିବାଦରେ ପ୍ରବର୍ତ୍ତେ, ପୁଣି ତାହାର ମୁଖ ମାଡ଼ ଖାଇବାକୁ ଡାକେ ।**

ମୂର୍ଖ ଭାବରେ କଥାବାର୍ତ୍ତା କରିବା କଳି ଭିଆଇଥାଏ ଓ ଆମେ ସେଥିଯୋଗୁଁ ମାଡ଼ ଖାଇବାକୁ ଯୋଗ୍ୟ ହୋଇଥାଉ । ନିର୍ବୋଧ କଥାବାର୍ତ୍ତା ଲୋକଙ୍କ ମଧ୍ୟରେ କଳହ ସୃଷ୍ଟି କରେ । ତେଣୁ ଆମେ ଯେଉଁ କଥାବାର୍ତ୍ତା କରୁ ଜଗିରଖି କହିବା ଉଚିତ ।

**ହିତୋପଦେଶ ୨୨:୧୦**
**ନିନ୍ଦକକୁ ବାହାର କରି ଦିଅ, ତହିଁରେ କଳି ବାହାରିଯିବ; ପୁଣି, ବିରୋଧ ଓ ଅପମାନ ନିବୃତ୍ତ ହେବ ।**

ଜଣେ ନିନ୍ଦୁକ କେବଳ ଦୋଷଦର୍ଶୀ କଥା କହିଥାଏ । ଏପରି ଲୋକଙ୍କ ସହିତ ଅନ୍ୟମାନେ ଧକ୍କା ଖାଇଥାନ୍ତି । ଉଦାହରଣ ସ୍ୱରୂପ, ଧରନ୍ତୁ ଆପଣ ଏକ ନୂତନ କମ୍ପାନୀରେ ଯୋଗଦେଲେ ଓ ଜଣେ ବ୍ୟକ୍ତିଙ୍କ ସହିତ ଆପଣଙ୍କର ପରିଚୟ ହେଲା ଯେ କି ସେହି କମ୍ପାନୀରେ ୨୫ ବର୍ଷ ଧରି କାର୍ଯ୍ୟ କରି ଆସୁଛନ୍ତି । ଏଣୁ ଆପଣ ତାଙ୍କୁ ଜଣେ 'ପ୍ରଶଂସନୀୟ' ବ୍ୟକ୍ତି ମନେ କଲେ । ସେ କହିଲେ ସେ ସେହି କମ୍ପାନୀର ଜଣେ 'ପୁରୁଣାଘୋଡ଼ା' ଓ ସେଠାରେ ଯାହାସବୁ ଘଟିଛି ସବୁକିଛି ଜାଣନ୍ତି । ତା'ପରେ ସେ ସେଠାରେ ଘଟିଥିବା ନକାରାତ୍ମକ ବିଷୟସବୁକୁ କହି ଚାଲିଲେ । ମନେ ହେଲା ଭଲ ବିଷୟ କହିବାପାଇଁ ତାଙ୍କ ପାଖରେ କିଛି ନାହିଁ! ଆପଣ ଆଶ୍ଚର୍ଯ୍ୟ ହେବେ, ତେବେ କିପରି ସେ ଏଠାରେ

୨୫ ବର୍ଷ ଧରି କାର୍ଯ୍ୟ କରି ଚାଲିଛନ୍ତି, ଯେତେବେଳେ କମ୍ପାନୀର ସମସ୍ତ ଲୋକଙ୍କ ବିରୁଦ୍ଧରେ ତାଙ୍କର ଅଭିଯୋଗ ରହିଛି । ବାଇବଲ କହେ ଏପରି ବ୍ୟକ୍ତି ବହୁତ କିଛି କଳହ ସୃଷ୍ଟି କରିଥାଏ ଓ ତାକୁ ବାହାର କରିଦେବା ଅନିବାର୍ଯ୍ୟ ହୋଇଥାଏ । ତଦ୍ଦ୍ୱାରା କଳହ ଓ ବିବାଦର ଅନ୍ତ ଘଟିବ ।

ଆମର କଥାବାର୍ତ୍ତା ଆମକୁ ବିପଦ ଆଡ଼କୁ କଢ଼ାଇନେବ । ତେଣୁ ଆମେ ଜଗିରହି କଥାବାର୍ତ୍ତା କରିବା ଆବଶ୍ୟକ । ବେଳେବେଳେ ଆମେ ହାଲୁକା ଭାବରେ ଯାହା କହିଦେଉ ତାହା ମଧ୍ୟ ବିବାଦ ସୃଷ୍ଟି କରିଥାଏ । ଆମ ବନ୍ଧୁମାନଙ୍କର ବାଳର ରଙ୍ଗ ବିଷୟ ମଜାରେ କହିବା ଦ୍ୱାରା ମଧ୍ୟ ସେମାନେ ଅପମାନିତ ବୋଧ କରିଥାନ୍ତି ଓ ଆଘାତ ପାଇଥାନ୍ତି । ବାଳକୁ ରଙ୍ଗ କରିବାପାଇଁ ସେମାନେ ଅନେକ ଅର୍ଥ ଖର୍ଚ୍ଚ କରିଥାନ୍ତି । ତେଣୁ ଆମେ ଯାହା କହୁ ତାହା ତାଙ୍କୁ ଅପମାନିତ କରିଥାଏ । ଆମର ବନ୍ଧୁତା ମଧ୍ୟ ଭାଙ୍ଗିଯାଇପାରେ । ତେଣୁ ଆମେ ଆମର କଥାବାର୍ତ୍ତା ଯତ୍ନ ସହକାରେ ଓ ବୁଦ୍ଧିର ସହିତ କରିବାକୁ ହେବ, ଯଦ୍ଦ୍ୱାରା ଆମେ ବିପଦରେ ଫସିଯିବା ନାହିଁ । ଏସମସ୍ତ ସରଳ ବିଷୟରେ ସାବଧାନତା ଅବଲମ୍ବନ କଲେ କଳହର ଅବକାଶ ରହେ ନାହିଁ ।

## ଆପଣଙ୍କ ମନୋସ୍ଥିତିକୁ ନିୟନ୍ତ୍ରଣ କରନ୍ତୁ

**ହିତୋପଦେଶ ୧୫:୧୮**

**କ୍ରୋଧୀ ଲୋକ କଳି ଜନ୍ମାଏ; ପୁଣି, କୋପ କରିବାକୁ ଧୀର ଲୋକ ବିବାଦ କ୍ଷାନ୍ତ କରେ ।**

କ୍ଷଣକ୍ରୋଧୀ-ରାଗି ଲୋକ କଳହର ସୂତ୍ରପାତ କରେ, ମାତ୍ର ଯେ କ୍ରୋଧରେ ଧୀର ସେ ବିବାଦ ଶାନ୍ତ କରେ । ୧୨ ବର୍ଷ ବୟସରେ ମୁଁ ଯେତେବେଳେ ପରିତ୍ରାଣ ପାଇଲି, ଯଦିବା ମୁଁ ଖ୍ରୀଷ୍ଟୀୟ ବିଶ୍ୱାସରେ ବୃଦ୍ଧି ପାଉଥିଲି, ମୁଁ ମୋର କ୍ରୋଧକୁ ସମ୍ଭାଳି ପାରୁ ନ ଥିଲି । ସ୍କୁଲରେ ମୋର ପ୍ରିୟ ଖେଳ ଫୁଟ୍‌ବଲ୍ ଖେଳୁଥିବା ସମୟରେ ଜଣେ ବାଳକ ମୋତେ ଝୁଣ୍ଟାଇଦେଲା । ମୁଁ ଏତେ ରାଗିଗଲି ଯେ ଉଠି ତାକୁ ଲାତ ମାରିଲି । ତାକୁ ମୁଁ ଦେଖି ନ ଥିଲି ଓ ଜାଣି ପାରି ନ ଥିଲି ଯେ ସେ ମଧ୍ୟ ଜଣେ ବିଶ୍ୱାସୀ ଏବଂ ଆମେ ଗୋଟିଏ ପ୍ରାର୍ଥନା ଦଳର ସଦସ୍ୟ । ସେତିକିରେ ଆମ ଦୁହିଁଙ୍କର ବନ୍ଧୁତାର ଅନ୍ତ ଘଟିଥିଲା । ଆମେ ଉଭୟେ ବିଶ୍ୱାସୀ ହୋଇଥିଲେ ସୁଦ୍ଧା ଆମେ ଆମର କ୍ରୋଧ ସମ୍ବରଣ କରି ପାରି ନ ଥିଲୁ । ମୁଁ ନିଜ ଉପରୁ ନିୟନ୍ତ୍ରଣ ହରାଇ ତାଙ୍କୁ ଏପରି ଆଘାତ କରିଥିଲି ଯେ ସେ କେବେ ତାହା ଭୁଲି ନ ଥିବେ । ଏହାପରେ ମୁଁ ଏ ବିଷୟରେ ଅନୁତପ୍ତ ହୋଇଥିଲି ।

ସେହି ବନ୍ଧୁ ଈଶ୍ୱରଙ୍କ ସହିତ ମୋର ଚାଲିବାରେ ମୋତେ ବହୁତ କିଛି ସାହାଯ୍ୟ କରିଥାନ୍ତେ, କିନ୍ତୁ ମୁଁ ଜଣେ ବନ୍ଧୁଙ୍କୁ ହରାଇଲି କାରଣ ମୁଁ ନିଜ ଉପରୁ ନିୟନ୍ତ୍ରଣ ହରାଇଥିଲି ।

**ହିତୋପଦେଶ ୧୬:୩୨**
**ଯେ କ୍ରୋଧରେ ଧୀର, ସେ ବୀର ଅପେକ୍ଷା ଶ୍ରେଷ୍ଠ; ପୁଣି, ଯେ ନିଜ ଆତ୍ମା ଉପରେ କର୍ତ୍ତୃତ୍ୱ କରେ, ସେ ନଗରଜୟକାରୀ ଅପେକ୍ଷା ଭଲ ।**

ଯଦି ଆମେ କ୍ରୋଧକୁ ନିୟନ୍ତ୍ରଣରେ ରଖିପାରୁ, ତେବେ ଆମେ ଅର୍ଣ୍ଣୋଲ୍ଡ ସ୍ୱାର୍ଜ୍‌ନେଗର (ହଲିଉଡ୍ ଅଭିନେତା)ଙ୍କ ଠାରୁ ଉତ୍ତମ ଅଟୁ । ଆମେ ତାଙ୍କଠାରୁ ଅଧିକ ବଳବାନ୍ ହୋଇପାରିବା କାରଣ ବାଇବଲ କହେ, ଯେ ଧୀରକ୍ରୋଧୀ ସେ ପରାକ୍ରମୀ ଅପେକ୍ଷା ଉତ୍ତମ । ଯେ ଆତ୍ମସଂଯମୀ ସେ ନଗର ଅଧିକାର କରିଥିବା ବ୍ୟକ୍ତିଠାରୁ ମହାନ୍ ଅଟେ । ମୁଁ ନିଜକୁ ନିଜେ କହେ ମୁଁ ଯଦି ମୋର କ୍ରୋଧକୁ ସମ୍ଭାଳିପାରିବି, ମୁଁ ପରାକ୍ରମୀ ହେବାଠାରୁ ଉତ୍ତମ ଓ ଜଣେ ନଗର ଅଧିକାର କରିବା ବ୍ୟକ୍ତିଠାରୁ ମଧ୍ୟ ଉତ୍ତମ । ମୁଁ ବାରମ୍ବାର ହିତୋପଦେଶ ୧୬:୩୨ ଆବୃତ୍ତି କରୁଥିଲି, ଯେପରି ମୁଁ ମୋର କ୍ରୋଧକୁ ସମ୍ଭାଳି ରଖିପାରିବି ଓ ଶାନ୍ତ ରହିବି । ତେଣୁ ଆପଣ ଓ ମୁଁ ଯଦି ଆମର କ୍ରୋଧକୁ ଦମନ କରିରଖୁ ଆମ ଜୀବନକୁ କଳହମୁକ୍ତ ରଖିପାରିବା ।

**ହିତୋପଦେଶ ୨୫:୮**
**ବିବାଦ କରିବାକୁ ହଠାତ୍ ବାହାରକୁ ଯାଅ ନାହିଁ, ଗଲେ ତହିଁର ଶେଷରେ ତୁମ୍ଭ ପ୍ରତିବାସୀ ତୁମ୍ଭକୁ ଲଜ୍ଜିତ କଲାଉତ୍ତାରେ ତୁମ୍ଭେ କଅଣ କରିବ ?**

## ଅପମାନସବୁକୁ ଉପେକ୍ଷା କରିବାର ସାମର୍ଥ୍ୟ ବିକଶିତ କରନ୍ତୁ

**ହିତୋପଦେଶ ୧୨:୧୬**
**ଅଜ୍ଞାନର ବିରକ୍ତି ହଠାତ୍ ପ୍ରକାଶ ପାଏ; ମାତ୍ର ଚତୁର ଲୋକ ଲଜ୍ଜା ଢାଙ୍କେ ।**

ଜଣେ ମୂର୍ଖର କ୍ରୋଧ ସଙ୍ଗେ ସଙ୍ଗେ ପ୍ରକାଶ ପାଏ । ଯଦି ତାକୁ ଅପମାନିତ କରାଯାଏ, ସେ ତତ୍କ୍ଷଣାତ୍ ପ୍ରତିଆକ୍ରମଣ କରିଥାଏ । ସେ ବିଷୟରେ ଚିନ୍ତା ବି କରି ନ ଥାଏ । କିନ୍ତୁ ଯେ ପରିଣାମଦର୍ଶୀ, ସେ ଅପମାନିତ ହେଲେ ସୁଦ୍ଧା ଏହାକୁ ଢ଼ାଙ୍କିଦିଏ । ସେ ପ୍ରତିକ୍ରିୟାଶୀଳ ହୁଏ ନାହିଁ କିନ୍ତୁ ଭୁଲିଯାଏ । ଅପମାନସବୁକୁ ଭ୍ରୂକ୍ଷେପ ନ କରିବା ସାମର୍ଥ୍ୟକୁ ବିକଶିତ କରନ୍ତୁ । ଅପମାନ ପ୍ରତି ନକରାତ୍ମକ ଭାବେ ପ୍ରତିକ୍ରିୟା ପ୍ରକାଶ ନ କଲେ ଆମେ ଯାହା ଅଟୁ ସେଥିରେ ଅପମାନସବୁ ଆମକୁ ପରିବର୍ତ୍ତନ କରିପାରିବ ନାହିଁ । ସେସବୁ କେବଳ

ଲୋକମାନଙ୍କର ମତାମତ । ଖ୍ରୀଷ୍ଟଙ୍କଠାରେ ଆମେ କିଏ ତାହା ଯଦି ଜାଣୁ, ତା' ହେଲେ ଆମେ ପ୍ରକୃତରେ ତାହା ହିଁ ଅଟୁ । ଏଣୁ ଅନ୍ୟମାନେ ଅପମାନିତ କଲେ ସେଥିରେ କିଛି ଫରକ୍ ପଡ଼ିବନି ।

**୧ପିତର ୨:୨୩**
**ସେ ନିନ୍ଦା ପାଇବା ସମୟରେ ଫେରି ନିନ୍ଦା କଲେ ନାହିଁ; ଦୁଃଖଭୋଗ କରିବା ସମୟରେ ପ୍ରତିହିଂସା କରିବାକୁ ଭୟ ଦେଖାଇଲେ ନାହିଁ, କିନ୍ତୁ ନ୍ୟାୟବିଚାରକର୍ତ୍ତାଙ୍କ ହସ୍ତରେ ସମସ୍ତ ବିଷୟ ସମର୍ପଣ କଲେ ।**

ଯୀଶୁ ଅପମାନିତ ହୋଇ ସୁଦ୍ଧା ପ୍ରତିଶୋଧପରାୟଣ ହୋଇ ନ ଥିଲେ, ଆମେ ତାଙ୍କର ଆଦର୍ଶ ଅନୁକରଣ କରିବା । ଆମେ ଅପମାନ ସବୁକୁ ଭ୍ରୂକ୍ଷେପ ନ କରି ବତକର ଦେହରୁ ପାଣି ଛାଡ଼ିଗଲା ପରି ଅପମାନସବୁକୁ ଝାଡ଼ି ଦେବା । ତା' ହେଲେ ଆମେ ଆମର କ୍ରୋଧକୁ ନିୟନ୍ତ୍ରଣରେ ରଖିପାରିବା ଓ ଉତ୍ତେଜିତ ହେବା ନାହିଁ ।

## ଧୀରସ୍ଥିର ଭାବେ ଉତ୍ତର ଦେବାର ସାମର୍ଥ୍ୟ ବିକଶିତ କରନ୍ତୁ

**ହିତୋପଦେଶ ୧୫:୧**
**କୋମଳ ଉତ୍ତର କ୍ରୋଧକୁ ଦମନ କରେ; ମାତ୍ର କଟୁ ବାକ୍ୟ କୋପ ଜନ୍ମାଏ ।**

ଉଦାହରଣ ସ୍ୱରୂପ, ଯଦି ଜଣେ ବ୍ୟକ୍ତି ଝଗଡ଼ା କରିବାକୁ ଆପଣଙ୍କ ପାଖକୁ ଆସୁଛି ଓ ଆପଣ ମନେ କରୁଛନ୍ତି ଯେ ତା'ର ମୁଖରୁ ଧୂଆଁ ବାହାରୁଛି ଏବଂ ତା'ର କଥା ରଡ଼ ନିଆଁ ପରି ସେ ଆପଣଙ୍କ ଉପରେ ଫୋପାଡ଼ି ଦେବା ପାଇଁ ଉଦ୍ୟତ, ତେବେ ଶାନ୍ତ ରହନ୍ତୁ । ଯଦି ଆପଣ ତାଙ୍କୁ ଏକ କୋମଳ ଉତ୍ତର ଦେବେ, ତେବେ ଆପଣ ନିଜକୁ କଳହରୁ ରକ୍ଷା କରିବେ । କୋମଳ ଉତ୍ତର ବାସ୍ତବରେ କ୍ରୋଧକୁ ଦମନ କରେ । କିନ୍ତୁ ଆମ ମଧ୍ୟରୁ ଅଧିକାଂଶ ଏହାର ବିପରୀତ କର୍ମ କରିଥାଉ । ଅରାଜି ହେଲେ, ଆମେ ଅନ୍ୟ ବ୍ୟକ୍ତିକୁ ଦବାଇ ଦେବକୁ ଚେଷ୍ଟା କରୁ- ପାଟିକରି ବା ତୀବ୍ରତାରେ – ଏବଂ ଏହାଦ୍ୱାରା ପରିସ୍ଥିତି ଗୁରୁତର ହୋଇଯାଏ । ତେଣୁ ବାଇବଲ କହେ କୋମଳ ଉତ୍ତର କ୍ରୋଧକୁ ଦମନ କରେ । ଅନ୍ୟ ବ୍ୟକ୍ତି ରାଗିଗଲେ ମଧ୍ୟ ଆମେ ମୃଦୁତାରେ ଉତ୍ତର ଦେବା ଉଚିତ ।

**୨ ତୀମଥି ୨:୨୪**
**ପ୍ରଭୁଙ୍କ ଦାସ ବିରୋଧ କରିବା ଉଚିତ ନୁହେଁ, ମାତ୍ର ସମସ୍ତଙ୍କ ପ୍ରତି କୋମଳ, ଶିକ୍ଷାଦାନରେ ନିପୁଣ ଓ ସହିଷ୍ଣୁ ହେବା ଉଚିତ ।**

ବାଇବଲ ଶିକ୍ଷା ଦିଏ ଯେ ଈଶ୍ୱରଙ୍କ ଦାସ ଭାବରେ ଆମେ ଝଗଡ଼ା କରିବା ଅନୁଚିତ,

ମାତ୍ର ସମସ୍ତ ଲୋକଙ୍କ ପ୍ରତି କୋମଳ ବ୍ୟବହାର କରିବା ଉଚିତ, ଶିକ୍ଷାଦାନରେ ନିପୁଣ ଓ ସହିଷ୍ଣୁ ହେବା ଉଚିତ । ପରିସ୍ଥିତି ଯଦି ଉତ୍ତେଜନାପୂର୍ଣ୍ଣ ରହିଛି ଆମେ ସର୍ବଦା ଏକ ମୃଦୁ ଓ କୋମଳ ଉତ୍ତର ଦେବା ଆବଶ୍ୟକ । ଏହାଦ୍ୱାରା ପରିସ୍ଥିତି ଶାନ୍ତ ହୋଇଯାଏ ଓ ଆମ ଜୀବନରୁ କଳହ ଦୂରେଇଯାଏ ।

## ଆତ୍ମ ସମର୍ପଣ

ଆତ୍ମ ସମର୍ପଣ କରିବାର ସାମର୍ଥ୍ୟ ମଧ୍ୟ ଆମେ ବିକଶିତ କରିବାକୁ ହେବ । ଅନେକ ସମୟରେ ଆମେ ଭୁଲ୍ ବିଷୟରେ ମଧ୍ୟ ଅନମନୀୟ ରହିଥାଉ - ଯେଉଁସବୁ ବିଷୟର ଗୁରୁତ୍ୱ ନ ଥାଏ ଏବଂ ଆମର ଜିଦ୍‌ଖୋର ମନୋଭାବ ଆମମାନଙ୍କ ଜୀବନରେ କଳହ ଜାତ କରିଥାଏ । ଅବ୍ରହାମ ଓ ଲୋଟଙ୍କ ଉଦାହରଣ ଦେଖନ୍ତୁ (ଆଦିପୁସ୍ତକ ୧୩:୧-୧୮):

ଲୋଟ ଅବ୍ରହାମଙ୍କ ପୁତୁରା ଥିଲେ । ଈଶ୍ୱର ଅବ୍ରାହାମଙ୍କୁ ଯେଉଁ ଦେଶ ଦେବାକୁ ଯାଉଥିଲେ ସେହି ଦେଶକୁ ଯାତ୍ରା କରୁଥିବା ସମୟରେ ଉଭୟଙ୍କ ନିକଟରେ ବହୁତ ପଶୁ ସମ୍ପଦ ଓ ବହୁସଂଖ୍ୟକ ପଶୁପାଳକ ରହିଥିଲେ । ବେଳେବେଳେ ସେମାନଙ୍କର ପଶୁପାଳକମାନଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା । ଯାତ୍ରା ସମୟରେ ବହୁଥର କଳହ ହୋଇଥିଲା । ଅବ୍ରହାମ ବୁଝିପାରିଲେ କ'ଣ ଘଟୁଛି ଓ ସେ ଲୋଟଙ୍କୁ କହିଲେ ଯେ ସେମାନେ ମିଳିମିଶି ଯାତ୍ରା କରିବା ହିତକର ନୁହେଁ । ତେଣୁ ସେ ଲୋଟଙ୍କୁ ତାଙ୍କଠାରୁ ଅଲଗା ହୋଇ ଯେକୌଣସି ସ୍ଥାନରେ ବାସ କରିବାକୁ କହିଲେ, ଯେପରି କି ସେ ତାଙ୍କଠାରୁ ବିପରୀତ ଦିଗକୁ ଚାଲିଯିବେ । କହିବାକୁ ଗଲେ ସେ ଲୋଟଙ୍କ ନିକଟରେ ଆତ୍ମସମର୍ପଣ କଲେ ଓ କହିଲେ ଲୋଟ ଯେଉଁଆଡ଼େ ଚାହିଁବେ ଯାଇପାରିବେ ।

ଲୋଟ ଅନାଇ ଦେଖିଲେ ଯେ ସଦୋମ ଓ ଗମୋରା ଅଞ୍ଚଳ ଉର୍ବର ସମତଳ ଓ ଚମତ୍କାର ଅଛି । ସେ ତାଙ୍କ ପଶୁ ଧନ ଓ ଲୋକମାନଙ୍କ ସହିତ ସେଠାକୁ ଚାଲିଗଲେ । ଲୋଟ ଯିବା ପରେ, ଈଶ୍ୱର ଅବ୍ରହାମଙ୍କୁ କହିଲେ ଯେ ସେ ଉଠି ଦେଶର ବିଭିନ୍ନ ସ୍ଥାନକୁ ଯାଆନ୍ତୁ । ଈଶ୍ୱର ତାଙ୍କୁ କହିଲେ ତାଙ୍କ ପାଦ ଯେଉଁଠି ପଡ଼ିବ ତାହା ସେ ତାଙ୍କୁ ଦେବେ । ସେସମୟରେ ତାଙ୍କ ପଶୁଧନ ଏତେ ବଢ଼ିଥିଲା ଯେ, ତାଙ୍କ ଦାସ ମଧ୍ୟ ସ୍ୱୀକାର କରିଥିଲା ଯେ ଈଶ୍ୱର ତାଙ୍କ କର୍ତ୍ତାଙ୍କୁ ଆଶୀର୍ବାଦ କରିଛନ୍ତି । କିନ୍ତୁ ଲୋଟଙ୍କ କ୍ଷେତ୍ରରେ ସେ ସଦୋମ ଓ ଗମୋରାରେ ରହି ସବୁକିଛି ହରାଇଲେ ଏବଂ ସେ ଜୀବନ ବଞ୍ଚାଇବା ନିମନ୍ତେ ପିନ୍ଧିଥିବା ବସ୍ତ୍ର ଛଡ଼ା

ଆଉ କିଛି ନ ନେଇ ଦୌଡ଼ି ପଳାଇଥିଲେ । ମନେ ରଖନ୍ତୁ ଯେ ଅବ୍ରହାମ ହିଁ ନିଜକୁ ସମର୍ପଣ କରିଥିଲେ, ଲୋଟ ନୁହେଁ ।

ତେଣୁ ଆମେ ମଧ୍ୟ ଛାଡ଼ିଦେବା ବିଷୟକୁ ଶିକ୍ଷା କରିବା ଆବଶ୍ୟକ । ଉଦାହରଣ ସ୍ୱରୂପ, ଯଦି ଆପଣଙ୍କ ପରିବାରର ଏକ ଆପାର୍ଟମେଣ୍ଟ ରହିଛି ଓ ଆପଣଙ୍କ ଭାଗରେ ଯାହା ପଡ଼ିଲା, ତାହା କମ୍ ଅଟେ, ତେବେ ତାହା ସ୍ୱୀକାର କରି ନିଅନ୍ତୁ ଓ ତାହା ଗ୍ରହଣ କରନ୍ତୁ । ଏହା ପରିବର୍ତ୍ତେ ଆପଣ ଜିଦ୍‌ଖୋର୍ ହୋଇ ଲଢ଼େଇ କରି ପାରନ୍ତି, ଏବଂ କଳହକୁ 'ବନ୍ଧୁତୁଲ୍ୟ' ଆପଣାର କରି ସମ୍ପତ୍ତିର ପ୍ରକୃତ ଭାଗକୁ ସୁନିଶ୍ଚିତ କରିପାରନ୍ତି କିଅବା ସମର୍ପିତ ହୋଇ କଳହମୁକ୍ତ ରହନ୍ତି । ଏହା କରିବା ଦ୍ୱାରା, ଆପଣଙ୍କ ଜୀବନରେ ଈଶ୍ୱରଙ୍କ ଆଶୀର୍ବାଦ ଆସିବ ।

କଳହକୁ ଆପଣାର କରି ନେଲେ, ସ୍ୱର୍ଗଦ୍ୱାର ବନ୍ଦ ହୋଇଯିବ । ଆଶୀର୍ବାଦ ମିଳିବ ନାହିଁ । ତା' ପରିବର୍ତ୍ତେ ଯଦି କଳହକୁ ବାହାରେ ରଖନ୍ତି ଈଶ୍ୱର ତାଙ୍କର ଆଶୀର୍ବାଦ ବର୍ଷାଇବେ । ଅବ୍ରହାମଙ୍କ କ୍ଷେତ୍ରରେ ତାହା ହିଁ ଘଟିଥିଲା । ଯେଉଁଦିନ ଲୋଟ ତାଙ୍କ ନିକଟରୁ ଚାଲିଗଲେ, ଈଶ୍ୱର ଅବ୍ରହାମ୍‌ଙ୍କୁ କହିଲେ ଯେ ସବୁ ବିଷୟ ତାଙ୍କର, ଓ ଈଶ୍ୱର ତାଙ୍କର ବନ୍ଧୁ ଅଟନ୍ତି ଏବଂ ସେ ସବୁ ବିଷୟରେ ତାଙ୍କ ସଙ୍ଗେ ରହିବେ । ଅବ୍ରହାମ ଯେଉଁ ଅଞ୍ଚଳକୁ ଗଲେ ତାହା ଏତେଟା ଫଳପ୍ରସୂ ନ ଥିଲା ତଥାପି ଈଶ୍ୱର ତାଙ୍କୁ ସେଠାରେ ବହୁଗୁଣିତ କଲେ ଓ ଅନେକ ମହତ୍ ଆଶୀର୍ବାଦ ଢ଼ାଳିଦେଲେ । ଲୋଟ ଉର୍ବର ସମତଳ ଅଞ୍ଚଳକୁ ମନୋନୀତ କଲେ ଓ ଅନ୍ୟ ପାର୍ଶ୍ୱକୁ କମ୍ ମୂଲ୍ୟଯୁକ୍ତ ଦେଖିଲେ । ସେ ଅବ୍ରହାମଙ୍କୁ ସେହି ଅଞ୍ଚଳକୁ ଯିବାକୁ ଦେଲେ ଯାହା କମ୍ ମୂଲ୍ୟଯୁକ୍ତ ଥିଲା । କିନ୍ତୁ ଈଶ୍ୱର ଅବ୍ରହାମଙ୍କ ସହବର୍ତ୍ତୀ ଥିଲେ । ତେଣୁ ଆମେ ନିଜକୁ ସମର୍ପଣ କରିବା ବିଷୟ ଶିକ୍ଷା କରିବା, ଯେପରି କି କଳହକୁ ସ୍ଥାନ ନ ଦେବା । ତା' ହେଲେ ଆମେ ଈଶ୍ୱରଙ୍କ ଆଶୀର୍ବାଦ ଦେଖିପାରିବା ।

## ନମ୍ରତା ଦୁର୍ବଳତା ନୁହେଁ

**ଗୀତସଂହିତା ୩୭ : ୧୧**
**ମାତ୍ର ନମ୍ରଲୋକମାନେ ଦେଶ ଅଧିକାର କରିବେ ଓ ଶାନ୍ତିର ବାହୁଲ୍ୟରେ ଆପଣା ଆପଣାକୁ ଆନନ୍ଦିତ କରିବେ ।**

ନମ୍ରତା ଛଦ୍ମବେଶୀ ବଳ ଅଟେ । ବାଇବଲ କହେ ନମ୍ର ଲୋକମାନେ ପୃଥିବୀର ଅଧିକାରୀ ହେବେ । ଥରେ ଏକ ରବିବାର ଦିନର ଖବର କାଗଜରେ ଏକ ଲେଖା ବାହାରିଥିଲା

ଯେ ନମ୍ରଲୋକମାନେ ପୃଥିବୀର ଅଧିକାରୀ ହୋଇପାରିବେ ନାହିଁ । କିନ୍ତୁ ବାଇବଲ ଦୃଢ଼ରୂପେ କହେ ନମ୍ରଲୋକେ ପୃଥିବୀକୁ ଅଧିକାର କରିବେ । ଏହା କେବେ ଘଟିବ ତାହା ଦେଖିବାକୁ ଲୋକମାନେ ବଞ୍ଚି ରହି ନ ଥିବେ । ଈଶ୍ୱରଙ୍କ ବାକ୍ୟ କେବେ ବିଫଳ ହେବ ନାହିଁ । ଏହା ସତ୍ୟ ବାକ୍ୟ । ନମ୍ରଲୋକମାନେ ପୃଥିବୀର ଅଧିକାରୀ ହେବେ ।

## ଶୀଘ୍ର ଶାନ୍ତି ସ୍ଥାପନ କରନ୍ତୁ

**ମାଥିଉ ୫:୯, ୨୫, ୨୬**

**୯ ଶାନ୍ତିକାରକ ଲୋକେ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବେ ।**
**୨୫ ତୁମ୍ଭର ବିବାଦୀ ସହିତ ବାଟରେ ଥିବା ସମୟରେ ଶୀଘ୍ର ତାହା ପ୍ରତି ମିଳନର ଭାବ ଦେଖାଅ, କାଳେ ବିବାଦୀ ତୁମ୍ଭକୁ ବିଚାରକର୍ତ୍ତାଙ୍କ ହସ୍ତରେ ସମର୍ପଣ କରିବ, ପୁଣି ବିଚାରକର୍ତ୍ତା ତୁମ୍ଭକୁ ପଦାତିକ ହସ୍ତରେ ସମର୍ପଣ କରିବେ, ଆଉ ତୁମ୍ଭେ କାରାଗାରରେ ନିକ୍ଷିପ୍ତ ହେବ ।**
**୨୬ ମୁଁ ତୁମ୍ଭକୁ ସତ୍ୟ କହୁଅଛି, ତୁମ୍ଭେ ଶେଷ ପାହୁଲାଟି ନ ଶୁଝିବା ପର୍ଯ୍ୟନ୍ତ ସେ ସ୍ଥାନରୁ କୌଣସି ପ୍ରକାରେ ବାହାରି ଆସି ପାରିବ ନାହିଁ ।**

**ଏବ୍ରୀ ୧୨:୧୪**

**ସମସ୍ତଙ୍କ ସହିତ ଶାନ୍ତିରେ ରହିବାକୁ ଚେଷ୍ଟା କର, ପୁଣି ଯେଉଁ ପବିତ୍ରତା ବିନୁ କେହି ପ୍ରଭୁଙ୍କ ଦର୍ଶନ ପାଇବ ନାହିଁ, ସେଥିର ଅନୁସରଣ କର ।**

**ରୋମୀୟ ୧୨:୧୮**

**ସମ୍ଭବ ହେଲେ, ତୁମ୍ଭର ଯେତେ ପର୍ଯ୍ୟନ୍ତ ସାଧ, ସମସ୍ତ ଲୋକଙ୍କ ସହିତ ଶାନ୍ତିରେ ରୁହ ।**

ଯୀଶୁ ଆମକୁ ଶିକ୍ଷା ଦେଇଛନ୍ତି ଯେ ଆମେ ବିପକ୍ଷଙ୍କ ସହିତ ଶୀଘ୍ର ମିଳିତ ହେବା ଉଚ଼ିତ ନଚ଼େତ୍ ସେମାନେ ଆମକୁ ଅଦାଲତକୁ ନେଇଯିବେ ଓ ବିଚାରପତି ଦଣ୍ଡାଦେଶ ଶୁଣାଇବେ । ଆମେମାନେ ସର୍ବଦା ଶାନ୍ତିକାରକ ଲୋକ ହେବା ଆବଶ୍ୟକ, ନିଜକୁ ସମର୍ପଣ କରିବା ବା ଛାଡ଼ିଦେବା ଉଚିତ । ଯେ ଯାଏଁ ଆମର ଉଦ୍ଦେଶ୍ୟ ରହିଥିବ କଳହରୁ ଦୂରେଇ ରହିବାକୁ ଏବଂ ଯଦି ନିଜକୁ ସମର୍ପଣ କରିବାଦ୍ୱାରା ତାହା ଆମେ କରିପାରୁଛୁ, ତେବେ ଈଶ୍ୱରଙ୍କର ଆଶୀର୍ବାଦସବୁକୁ ଆମେ ଆମ ଜୀବନରେ ଲାଭ କରିବା । ନିଜକୁ ସମର୍ପଣ କରିବା ଦ୍ୱାରା ଆମେ ଯାହା ହରାଉଛୁ, ଈଶ୍ୱର ତାହାଙ୍କର ଆଶୀର୍ବାଦସବୁ ଦ୍ୱାରା ତା'ର କେତେଗୁଣ ଭରିଦେବେ ।

## ଭୁଲସବୁର ହିସାବ ରଖନ୍ତୁ ନାହିଁ

ଲୋକମାନେ ଆପଣଙ୍କ ପ୍ରତି ଯେଉଁସବୁ ଭୁଲ କରିଛନ୍ତି ସେସବୁର ହିସାବ ରଖନ୍ତୁ ନାହିଁ । ଉଦାହରଣସ୍ୱରୂପ, ଆପଣ କାହା ସଙ୍ଗେ କଥା ହେଉଥିବା ସମୟରେ ହଠାତ୍ ସେ ଅଭିଯୋଗ କଲେ ଯେ ଆପଣ ୨୫ ବର୍ଷ ତଳେ ତାଙ୍କ ପ୍ରତି କିଛି ଭୁଲ କାମ କରିଥିଲେ । ଆପଣ ତାହା ଭୁଲି ଯାଇଛନ୍ତି କିନ୍ତୁ ସେ ଭୁଲି ନାହାନ୍ତି । କେବେ ତାହା ଘଟିଥିଲା, ତା'ର ତାରିଖ, ଦିନ ଓ ସମୟକୁ ସେ ସଠିକ୍ ମନେ ରଖିଛନ୍ତି ।

ବାଇବଲ କହେ ଯେ ପ୍ରେମ "ଅନୁଚିତ ବ୍ୟବହାର କରେ ନାହିଁ, ସ୍ୱାର୍ଥ ଚେଷ୍ଟା କରେ ନାହିଁ, ବିରକ୍ତ ହୁଏ ନାହିଁ, ଅପକାର ସ୍ମରଣରେ ରଖେ ନାହିଁ" (୧କରିନ୍ଥୀୟ ୧୩:୫) । ପ୍ରେମ ଅପକାରର ହିସାବ ରଖେ ନାହିଁ ବା ଅନ୍ୟମାନଙ୍କ ପାପସବୁକୁ ଗଣନା କରେ ନାହିଁ । ତେଣୁ ଆମେ ଯଦି କଳହମୁକ୍ତ ଜୀବନ ଯାପନ କରିବାକୁ ଚାହୁଁ, ଅନ୍ୟମାନଙ୍କ ବିଷୟକୁ ପ୍ରତିଦିନ ମନରୁ ପୋଛିଦେବା ଆବଶ୍ୟକ । ଆମ ବିରୁଦ୍ଧରେ ସେମାନେ ଯାହାସବୁ ଭୁଲ କରିଛନ୍ତି ତା'ର ହିସାବ ରଖିବା ଅନୁଚିତ । ଏହା ଦ୍ୱାରା ଆମ ଜୀବନ କଳହମୁକ୍ତ ହୋଇପାରିବ ।

**ହିତୋପଦେଶ ୧୭:୯**
**ଯେ ଅଧର୍ମ ଢାଙ୍କେ, ସେ ପ୍ରେମ ଖୋଜେ; ମାତ୍ର ଯେ ପୁନଃ ପୁନଃ ଗୋଟିଏ କଥା ଉତ୍ଥାପନ କରେ, ସେ ବିଶେଷ ମିତ୍ରଗଣକୁ ବିଭିନ୍ନ କରେ ।**

## ଉଦାରଚିତ୍ତରେ କ୍ଷମା ଦିଅନ୍ତୁ ଓ ଶୀଘ୍ର କ୍ଷମା ଦିଅନ୍ତୁ

**ମାଥିଉ ୫:୨୩,୨୪**
**୨୩ ଅତଏବ, ଯଦି ବେଦି ନିକଟକୁ ତୁମ୍ଭେ ନିଜର ନୈବେଦ୍ୟ ଆଣୁଥିବା ସମୟରେ ତୁମ୍ଭ ବିରୁଦ୍ଧରେ ତୁମ୍ଭ ଭାଇର କୌଣସି କଥା ଅଛି ବୋଲି ସେଠାରେ ତୁମ୍ଭର ମନେ ପଡ଼େ,**
**୨୪ ତାହେଲେ ସେହି ସ୍ଥାନରେ ବେଦି ସମ୍ମୁଖରେ ତୁମ୍ଭର ନୈବେଦ୍ୟ ଥୋଇଦେଇ ଚାଲିଯାଅ, ଆଗେ ନିଜ ଭାଇ ସଙ୍ଗରେ ମିଳିତ ହୁଅ, ଆଉ ତାହା ପରେ ଆସି ତୁମ୍ଭର ନୈବେଦ୍ୟ ଉତ୍ସର୍ଗ କର ।**

ଅତୀତର କୌଣସି ବିଷୟକୁ ପୁନରାବୃତ୍ତି କରିବା ଦ୍ୱାରା ଆମେ ବନ୍ଧୁତା ହରାଇଥାଉ ଓ ନଷ୍ଟ କରିଦେଇଥାଉ । ଅତୀତକୁ ଭୁଲିଯିବା ଓ ଛାଡ଼ିଦେବା ଉଚିତ, ନ ହେଲେ ଆମର ବନ୍ଧୁତା ନଷ୍ଟ ହୋଇଯିବ । ଯଦି ଆମେ କାହାର ଅପରାଧକୁ ଢାଙ୍କି ଦେଉ ତେବେ ଆମେ

ପ୍ରେମରେ ତାହା କରୁଛୁ । ଆମେ ଶୀଘ୍ର କ୍ଷମାଦେବା ଓ ଉଦାରଚିତ୍ତରେ ତାହା କରିବା ଉଚିତ । ଯୀଶୁ କହନ୍ତି ଯେ ଆମେ ପ୍ରାର୍ଥନାରେ ଈଶ୍ୱରଙ୍କର ନିକଟବର୍ତ୍ତୀ ହେବା ସମୟରେ ଯଦି ଆମେ ସ୍ମରଣ କରୁ ଯେ କେହି ଜଣେ ଆମ ବିରୁଦ୍ଧରେ କିଛି କାର୍ଯ୍ୟ କରିଛି, ତେବେ ତାହା ପ୍ରଥମେ ସମାଧାନ କରିବା ପରେ ଆମେ ପ୍ରାର୍ଥନା କରିପାରୁ । ତେଣୁ ଯେତେବେଳେ କୌଣସି ଏପରି ସମସ୍ୟା ଉପୁଜେ ଆମେ ସେହି ସମୟରେ ହିଁ ତା'ର ସମାଧାନ କରିଦେବା ଉଚିତ, ତା' ହେଲେ ଆମେ ଯେକୌଣସି ସମୟରେ ପ୍ରାର୍ଥନା କରିପାରିବା । ଏହାର ଅର୍ଥ ହେଉଛି ଆମେ ଯଦି ତତ୍‌କ୍ଷଣାତ୍ କ୍ଷମା ନ ଦେଇ ଆହୁରି ଅନେକ ବିଷୟକୁ ଜମା କରି ଚାଲିଥିବା ତା' ହେଲେ ଆମକୁ ସେସବୁର ସମାଧାନ ନିମନ୍ତେ, କ୍ଷମା ଦେବା ନିମନ୍ତେ ବହୁତ ଦୌଡ଼ାଦୌଡ଼ି କରିବାକୁ ପଡ଼ିବ ଏବଂ ତା' ପରେ ଯାଇ ଆମେ ପ୍ରାର୍ଥନା କରିପାରିବା । କେହି ଯଦି ଆମ ପ୍ରତି କିଛି ଦୋଷ କଲା, ଆମେ ତାକୁ ତତ୍‌କାଳ କ୍ଷମା ପ୍ରଦାନ କରିବା ଓ ଭୁଲିଯିବା ଆବଶ୍ୟକ, ତା'ର ସମାଧାନ କରି ବିଷୟକୁ ସେଠାରେ ହିଁ ସମାପ୍ତ କରିଦେବା ଉଚିତ, ପରିଷ୍କାର କରିଦେବା ଉଚିତ । ତା' ହେଲେ ଆମେ ଯେକୌଣସି ସମୟରେ ଅନାୟାସରେ ପ୍ରାର୍ଥନା କରିପାରିବା । ପିତର ଯୀଶୁଙ୍କୁ ଆସି ପଚାରିଲେ, "ହେ ପ୍ରଭୁ, କେତେ ଥର ମୋହର ଭାଇ ମୋ' ବିରୁଦ୍ଧରେ ପାପ କଲେ ମୁଁ କ୍ଷମା କରିବି ? କି ସାତ ଥର ? ଯୀଶୁ ତାଙ୍କୁ କହିଲେ, ତୁମକୁ କେବଳ ସାତ ଥର ପର୍ଯ୍ୟନ୍ତ କହୁନାହିଁ, ମାତ୍ର ସତୁରିଗୁଣ ସାତ ଥର" (ମାଥିଉ ୧୮:୨୧,୨୨) ।

ହୁଏତ ଯୀଶୁଙ୍କ ପ୍ରିୟ ଶିଷ୍ୟ ଯୋହନ ପିତରଙ୍କୁ ହଇରାଣ କରୁଥିଲେ, ଯାହାଙ୍କୁ ପିତର ସମ୍ଭାଳି ପାରୁ ନଥିଲେ । ତେଣୁ ସେ ନାମ ନ ନେଇ ଏ ବିଷୟରେ ଆଲୋଚନା କରିଥିଲେ ଓ ପଚାରିଥିଲେ ସେ କେତେଥର ଜଣକୁ କ୍ଷମା ଦେଇପାରିବେ । ଯୀଶୁ ଜାଣିଥିଲେ କ'ଣ ଘଟୁଛି । ତେଣୁ ପିତର ଯେତେବେଳେ ପଚାରିଲେ ସେ କ'ଣ ସାତଥର କ୍ଷମା ଦେବେ, ଯୀଶୁ ଉତ୍ତର ଦେଲେ, "ସତୁରିଗୁଣ ସାତ ଥର" । ଅନ୍ୟ ଭାଷାରେ କହିଲେ ସେ ପିତରଙ୍କୁ କହିଲେ ସେ ଉଦାର ହେବା ଆବଶ୍ୟକ ଓ କ୍ଷମା ଦେଇ ଚାଲିବା ଆବଶ୍ୟକ । ଆମ ପ୍ରତି ହୋଇଥିବା ଅପକାର ବା ଭୁଲସବୁର ହିସାବ ଆମେ ରଖିବା ଅନୁଚିତ ଏବଂ ଯଦି ଆମେ ତାହା କରିପାରୁ, ତେବେ ଲୋକଙ୍କ ସଙ୍ଗେ କଳହ କରିବାର ଅବକାଶ ରହିବ ନାହିଁ । କାରଣ ସବୁ ବିଷୟକୁ ଆମେ କ୍ଷମାଦେଇଛୁ ।

## ପୈଶାଚିକ କାର୍ଯ୍ୟକଳାପକୁ ବାନ୍ଧି ପକାନ୍ତୁ

ଏଫିସୀୟ ୬:୧୨
କାରଣ ଆମ୍ଭମାନଙ୍କ ଯୁଦ୍ଧ ମର୍ତ୍ତ୍ୟ ବିରୁଦ୍ଧରେ ନୁହେଁ, କିନ୍ତୁ ଆଧିପତ୍ୟ ବିରୁଦ୍ଧରେ, କର୍ତ୍ତାପଣ ବିରୁଦ୍ଧରେ, ଏହି ଅନ୍ଧକାରର ଜଗତ୍‌ପତିମାନଙ୍କ ବିରୁଦ୍ଧରେ ପୁଣି ଆକାଶମଣ୍ଡଳର ଦୁଷ୍ଟାତ୍ମାମାନଙ୍କ ବିରୁଦ୍ଧରେ ।

କଳହ ଓ ବିଶୃଙ୍ଖଳା ପୈଶାଚିକ କାର୍ଯ୍ୟକଳାପ ଯୋଗୁଁ ମଧ୍ଯ ହୋଇଥାଏ । ଯଦିବା ପ୍ରାୟଶଃ, ଆମ ଜୀବନର କଳହ ପାଇଁ ଆମେ ହିଁ ଦାୟୀ ଅଟୁ, ତେବେ ଅନେକ ସମୟରେ ଶୟତାନର ପ୍ରଚେଷ୍ଟା ଯୋଗୁଁ ଆମର ସମ୍ପର୍କସମୂହରେ ସିଧାସଳଖ କଳହ ଓ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ । ଆମେ କିଛି ଭୁଲ କରି ନ ଥାଉ, କି ଅନ୍ୟମାନେ ଭୁଲ କରି ନ ଥାନ୍ତି ତେବେ କି ଆମର ସମ୍ପର୍କସବୁରେ ହଲଚଲ ହେବା ଆମେ ଦେଖିଥାଉ । ଆମେ ଆଶାନୁରୂପେ ବିଭିନ୍ନ ବିଷୟ ଘଟୁ ନ ଥିବା ଦେଖିଥାଉ । ଏହି କ୍ଷେତ୍ରରେ ସମ୍ଭବତଃ ଶୟତାନ ହିଁ ସମ୍ପର୍କକୁ ଭାଙ୍ଗିଦେବାକୁ ଚେଷ୍ଟା କରିଥାଏ । କଳହର ଆତ୍ମା ଆସି ସମ୍ପର୍କକୁ ତୁଟାଇ ଦେବା ଦିଗରେ ଚେଷ୍ଟା କରିଥାଏ । ଏହି ସମୟରେ ଆମେ ଆମର ଈଶ୍ୱରଦତ୍ତ ଅଧିକାର ସହିତ ଆତ୍ମାଙ୍କର ଖଡ୍ଗ ଧାରଣ କରି ଉର୍ଦ୍ଧ୍ଵକୁ ଉଠିବା ଆବଶ୍ୟକ । ଆମେ ଈଶ୍ୱରଙ୍କ ବାକ୍ୟ ଘୋଷଣା କରିବା ଓ ସମ୍ପର୍କରେ ଶାନ୍ତି ଘୋଷଣା କରିବା- ଘୋଷଣା କରିବା ଯେ ଏହା ରାଜ୍ୟ- ସମ୍ପର୍କ ଅଟେ ଯେଉଁଠାରେ ଧାର୍ମିକତା, ଶାନ୍ତି ଓ ଆନନ୍ଦ ରହିଥାଏ । ଆମେ ସବୁବେଳେ କହିବା, "ଆମେ କୌଣସି କଳହ ଓ ବିଶୃଙ୍ଖଳାକୁ ଆମ ମଧ୍ୟକୁ ଆସିବାକୁ ଦେବାନାହିଁ ।" ଆମେ ଆମକୁ ଦିଆଯାଇଥିବା ଈଶ୍ୱର-ଦତ୍ତ ଅଧିକାରକୁ ନେବା ଓ କଳହର ଆତ୍ମାସବୁକୁ ଆମମାନଙ୍କର ସମସ୍ତ ସମ୍ପର୍କର ବାହାରେ ରଖିବା । ଶାନ୍ତି ରକ୍ଷା କରିବା ଉଦ୍ଦେଶ୍ୟରେ ଏହା ଆମେ କରିବାକୁ ହେବ ।

## ଆହ୍ବାନ

### ବ୍ୟକ୍ତି ବିଶେଷ ଭାବରେ

ରୋମୀୟ ୧୩:୧୨-୧୪
୧୨ ରାତ୍ରୀ ପାହାନ୍ତା ହେଉଅଛି, ଦିବସ ସନ୍ନିକଟ; ଅତଏବ ଆସ, ଆମ୍ଭମାନେ ଅନ୍ଧକାରର କର୍ମସବୁ ପରିତ୍ୟାଗ କରି ଆଲୋକର ସଜ୍ଜା ପରିଧାନ କରୁ ।
୧୩ ରଙ୍ଗରସ ଓ ମତ୍ତତାରେ, ଲମ୍ପଟତା ଓ କାମୁକତାରେ, ବିବାଦ ଓ ଈର୍ଷାରେ ଆଚରଣ ନ କରି ଆସ, ଆମ୍ଭେମାନେ ଦିବସର ବିହିତ ଭଦ୍ର ଆଚରଣ କରୁ ।

୧୪ ପୁଣି, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ତୁମ୍ଭେମାନେ ବସ୍ତ୍ରରୂପେ ପରିଧାନ କର, ଆଉ କୁଅଭିଳାଷ ଉଦ୍ରେକ କରିବା ସକାଶେ ଶରୀର ନିମନ୍ତେ ଆୟୋଜନ କର ନାହିଁ ।

ବ୍ୟକ୍ତି ବିଶେଷ ଭାବରେ କଳହକୁ ଆମ ଜୀବନରୁ ବାହାରେ ରଖିବାକୁ ଆମେ ଆହ୍ୱାନ ପାଇଛୁ । ରାତ୍ରି ପାହାନ୍ତା ହେଉଛି । ତେଣୁ ଆମେ ଅନ୍ଧକାରର କର୍ମସବୁ ପରିତ୍ୟାଗ କରି ଆଲୋକର ସଜ୍ଜା ପରିଧାନ କରିବା । କିପରି ଆମେ ତାହା କରିବା ? ଈଶ୍ୱରଙ୍କ ବାକ୍ୟ କହେ ଆମେ ଭଦ୍ର ଆଚରଣ କରିବା । ଭଦ୍ର ଆଚରଣ କରିବାର ଅର୍ଥ କ'ଣ ? ଦିବା ସମୟରେ ଆମେ ଯେପରି ଆଚରଣ କରିଥାଉ ସେପରି ଆମେ ଆଚରଣ କରିବା ଉଚିତ, ଯହିଁରେ ଅନ୍ଧକାରର କର୍ମସବୁ ଓ କଳହ ନ ଥାଏ । ଆମମାନଙ୍କ ବନ୍ଧୁମାନଙ୍କ, ପଡ଼ୋଶୀମାନଙ୍କ ଓ ଆମେ ଯେଉଁମାନଙ୍କ ସଙ୍ଗେ ବାସ କରୁ ସେମାନଙ୍କ ସହିତ କଳହ କରିବାର ଅନେକ ଅବକାଶ ରହିଥାଏ । ଉଦାହରଣସ୍ୱରୂପ, ଆମର ଆପାର୍ଟମେଣ୍ଟରେ ଆମର ପଡ଼ୋଶୀମାନେ ଉଚ୍ଚସ୍ୱରରେ ସଙ୍ଗୀତ ବଜାଇଲେ, ଆମେ ପ୍ରତିକ୍ରିୟା ପ୍ରକାଶ କରି ଆହୁରି ଅଧିକ ଉଚ୍ଚସ୍ୱରରେ ସଙ୍ଗୀତ ବଜାଇପାରୁ । ଆମେ ସେପରି ପ୍ରତିକ୍ରିୟା ପ୍ରକାଶ କରିବା ଅନୁଚିତ ଯାହା କଳହ ସୃଷ୍ଟି କରିବ ।

ଏହା ଆମ ସମସ୍ତଙ୍କ ନିମନ୍ତେ ଆହ୍ୱାନକାରୀ ଅଟେ । ଆମେ ନିଜକୁ ଏପରି କହୁଥିବା, "ଯାହା ଘଟୁ ପଛକେ, ଲୋକମାନେ ଯାହା କହନ୍ତୁ ବା କରନ୍ତୁ, କଳହ ସୃଷ୍ଟି ହେବାର ଯେତେ ଅବକାଶ ଆସୁ ନା କାହିଁକି, ଆମେ ଅବଶ୍ୟ କଳହ-ମୁକ୍ତ ଜୀବନ ଯାପନ କରିବା ।"

### ଏକ ଶରୀର ଭାବରେ

ଗୀତସଂହିତା ୧୩୩:୧-୩
୧ ଦେଖ, ଭାଇମାନେ ମିଳନରେ ଏକତ୍ର ବାସ କରିବା କିପରି ଉତ୍ତମ ଓ ମନୋହର ।
୨ ତାହା ମସ୍ତକରେ ବହୁମୂଲ୍ୟ ତୈଳ ସ୍ୱରୂପ, ଯାହା ଦାଢ଼ିରେ, ଅର୍ଥାତ୍, ହାରୋଣଙ୍କର ଦାଢ଼ିରେ
ବହି ତାଙ୍କ ବସ୍ତ୍ରାଞ୍ଚଳରେ ପଡ଼ିଲା ।
୩ ତାହା ହର୍ମୋଣର ଶିଶିର ତୁଲ୍ୟ, ଯାହା ସିୟୋନର ପର୍ବତଗଣ ଉପରେ କ୍ଷରି ପଡ଼େ । କାରଣ
ସଦାପ୍ରଭୁ ସେଠାରେ ଆଶିର୍ବାଦ, ହଁ, ଅନନ୍ତ ଜୀବନ ଆଜ୍ଞା କଲେ ।

ଆମ ମଣ୍ଡଳୀମାନଙ୍କରେ କଳହ ରହିବା ଅନୁଚିତ । କଳହ ନ ରହିଲେ ଆମେ ଈଶ୍ୱରଙ୍କ ଅଭିଷେକ ଓ ସତେଜତା ପ୍ରାପ୍ତ ହେବା । ସେଠାରେ ଶିଶିରରୂପ ଜୀବନ, ଆଶୀର୍ବାଦ ଓ

ଶାନ୍ତି ବିରାଜମାନ ରହିବ । ଆମେ ଏପରି ଏକ ମଣ୍ଡଳୀ ଚାହୁଁ । ଆମେ ନିଶ୍ଚିତ କରିବା ଉଚିତ ଯେ, ଆମ ମଣ୍ଡଳୀ କଳହମୁକ୍ତ ଅଟେ, ଏଠାରେ ପ୍ରତ୍ୟେକେ ପ୍ରେମ, ଶାନ୍ତି ଓ ମିଳନରେ ଆଚରଣ କରନ୍ତି । ଆମମାନଙ୍କ ଜୀବନକୁ କଳହମୁକ୍ତ ରଖିବାର ଗୁରୁତ୍ୱକୁ ପ୍ରତ୍ୟେକେ ବୁଝିବା ଉଚିତ । ଯଦି କୌଣସି ବିବାଦ ଉପୁଜେ, ତା'ର ତତ୍କାଳ ସମାଧାନ କରିବା, କ୍ଷମା ଦେବା, ଭୁଲିଯିବା ଓ ପୁନରାବୃତ୍ତି ନ କରିବା ଉଚିତ । ଉତ୍ତମ ବିଷୟଗୁଡ଼ିକର ବିବରଣୀ ରଖନ୍ତୁ- ସଫଳତା, ସମାପ୍ତି ସବୁର । ବିଫଳତା ଓ ନକାରାତ୍ମକ ବିଷୟସବୁକୁ ଭୁଲିଯାଆନ୍ତୁ । ଲୋକମାନଙ୍କର ଭୁଲ ସବୁକୁ ଭୁଲିଯାଆନ୍ତୁ, ଓ ସେସବୁକୁ ମନରୁ ପୋଛି ଦିଅନ୍ତୁ । କାରଣ ବାଇବଲ କହେ ଯେ ଈଶ୍ୱର ଆମର ପାପସବୁକୁ ସମୁଦ୍ରର ଗଭୀରସ୍ଥାନରେ ନିକ୍ଷେପ କରି ଦିଅନ୍ତି ଓ ସେସବୁକୁ ଆଉ ସ୍ମରଣ କରନ୍ତି ନାହିଁ । ଯଦି ଈଶ୍ୱର ଆମର ପାପସବୁକୁ ସ୍ମରଣ ରଖନ୍ତି ନାହିଁ, ତେବେ ଆମେ କାହିଁକି ସେସବୁକୁ ସ୍ମରଣ ରଖିବା ପାଇଁ କଷ୍ଟ ସ୍ୱୀକାର କରିବା ? ଆମର ସ୍ମରଣ ରଖୁଥିବା ସେଲ୍‌ଗୁଡ଼ିକ ଆମେ ସକାରାତ୍ମକ ବିଷୟସବୁ ସ୍ମରଣ ରଖିବା ପାଇଁ ବ୍ୟବହାର କରିବା ଉଚିତ ।

**ଆମର ଉଦ୍ଦେଶ୍ୟସବୁ ଅତି ଗୁରୁତ୍ୱପୂର୍ଣ୍ଣ । ଯଦି ଆମେ ମନ୍ଦ ଉଦ୍ଦେଶ୍ୟ ନେଇ ମନ୍ଦ କାର୍ଯ୍ୟସବୁ କରୁ, ତେବେ ସଂଘର୍ଷ ଓ କଳହର ସୂତ୍ରପାତ ହୁଏ । ତେଣୁ ଆମେ ଆମ ଉଦ୍ଦେଶ୍ୟସବୁ ଯାଞ୍ଚ କରିବା ସଙ୍ଗେ ସଙ୍ଗେ ସେସବୁକୁ ଜଗିରହିବା ଆବଶ୍ୟକ । ଯଦି ଆମର ଉଦ୍ଦେଶ୍ୟ ଅନ୍ୟ ଜଣେ ବ୍ୟକ୍ତି ଆମପ୍ରତି ଯାହା କରିଛି ତା' ପ୍ରତି ତାହା କରିବା, ତେବେ ଏହା କଳହ ମନୋଭାବଯୁକ୍ତ ଓ ଆମେ ତାହା କରିବା ଅନୁଚିତ ।**

# ଅନୁତାପ ଓ ପ୍ରାର୍ଥନା

ଆମ ମଧ୍ୟରୁ ଅନେକେ କଳହ ମନୋଭାବ ରଖି ବିଭିନ୍ନ କାର୍ଯ୍ୟ କରିଥାନ୍ତି । କିନ୍ତୁ ଆମେ ତାହା ପରିବର୍ତ୍ତନ କରି ପାରିବା । ପ୍ରାର୍ଥନା କରନ୍ତୁ: ***"ହେ ଈଶ୍ୱର, ତୁମର ସାନ୍ନିଧ୍ୟରେ ଠିଆ ହୋଇ ମୁଁ ମୋର ହୃଦୟକୁ ନମ୍ର କରୁଛି । ମୁଁ ବୁଝିପାରୁଛି ଯେ ମୁଁ ଅନେକ ବିଷୟ କଳହ ମନୋଭାବ ନେଇ କରିଥାଏ । କିନ୍ତୁ, ମୁଁ ତାକୁ ପରିବର୍ତ୍ତନ କରିବାକୁ ଚାହୁଁଛି ।"***

ଆମ ମଧ୍ୟରୁ ଅନେକେ ଅସଂଯତ ଭାବେ କଥାବାର୍ତ୍ତା କରୁ କରୁ ଅନେକ କଥା ଅଜାଣତରେ କହିଦେଇଥାନ୍ତି ଯାହା ଅନ୍ୟମାନଙ୍କୁ ଆଘାତ କରିଥାଏ । ଏହା ଦ୍ୱାରା ଆମେ ଅନେକ ମିତ୍ରମାନଙ୍କୁ ହରାଇଥାଉ, ଆମେ ପ୍ରାର୍ଥନା କରିବା, ***"ହେ ଈଶ୍ୱର, ମୁଁ ମୋର କଥାବାର୍ତ୍ତାରେ ଅଧିକ ସତର୍କ ହେବାକୁ ଚାହେଁ ।"***

ଆମମାନଙ୍କ ମଧ୍ୟରେ ଅନେକ କ୍ରୋଧୀ ପ୍ରକୃତିର ଲୋକ ରହିଥାନ୍ତି, ସେମାନେ ହଠାତ୍ ରାଗିଯାନ୍ତି ଓ ନିଜ ଉପରୁ ନିୟନ୍ତ୍ରଣ ହରାଇଥାନ୍ତି । କିନ୍ତୁ ଈଶ୍ୱରଙ୍କ ବାକ୍ୟ କହେ ଯେ ଯଦି ଆମେ କ୍ରୋଧକୁ ନିୟନ୍ତ୍ରଣ କରୁ, ଆମେ ନଗର ଜୟକାରୀଠାରୁ ମଧ୍ୟ ଶ୍ରେଷ୍ଠ ଅଟୁ । ପ୍ରାର୍ଥନା କରନ୍ତୁ: ***"ହେ ଈଶ୍ୱର, ମୋତେ ଅନୁଗ୍ରହ ପ୍ରଦାନ କର ଯେପରି ମୋର କ୍ରୋଧକୁ ମୁଁ ପବିତ୍ର ଆତ୍ମାଙ୍କ ଅଧୀନକୁ ଆଣିବି । ମୋତେ ଶକ୍ତି ଦିଅ ଯେପରି ଅପମାନପ୍ରତି ମୁଁ ଭ୍ରୂକ୍ଷେପ କରିବି ନାହିଁ, କାରଣ ମୁଁ ଯାହା ଅଟେ ତାହାକୁ ଏହା ପରିବର୍ତ୍ତନ କରିପାରେ ନାହିଁ ଯଦି ମୁଁ ଏହା ପ୍ରତି ନକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ନ କରେ । କେହି ଯଦି ମୋତେ ରୁକ୍ଷ ବ୍ୟବହାର କରେ, ତା' ପ୍ରତି ମୃଦୁ ଭାବରେ ଉତ୍ତର ଦେବା ପାଇଁ ମୋତେ ଅନୁଗ୍ରହ ପ୍ରଦାନ କର । ମୋତେ ଅନୁଗ୍ରହ ପ୍ରଦାନ କର ଯେପରି ମୁଁ ନିଜକୁ ସମର୍ପଣ କରିପାରିବି ଓ ଛାଡ଼ି ଦେବି, କାରଣ ମୁଁ ଜିଦ୍‌ଖୋର୍ ହୋଇ ବିଭିନ୍ନ ବିଷୟ ଧରି ରଖିବାକୁ ଚାହୁଁଥିବାରୁ କଳହର ସୂତ୍ରପାତ ହୋଇଥାଏ । ଯେତେବେଳେ ମୋ ଜୀବନ କଳହମୁକ୍ତ ରହେ, ଆଶୀର୍ବାଦ ଆସିଥାଏ । ହେ ଈଶ୍ୱର, ମୋ ଜୀବନକୁ ପରିବର୍ତ୍ତନ କର ଯେପରି ମୁଁ କଳହମୁକ୍ତ ଜୀବନ ଯାପନ କରିପାରିବି ।"***

ଆମ ମଧ୍ୟରୁ ଅନେକେ ସେମାନଙ୍କୁ ଅନ୍ୟମାନେ କରିଥିବା ଭୁଲସବୁ ଓ ଅପକାରସବୁ ସ୍ମରଣରେ ରଖିପାରନ୍ତି । ପ୍ରାର୍ଥନା କରନ୍ତୁ: ***"ପ୍ରଭୁ, ଅନ୍ୟମାନେ ମୋ ପ୍ରତି ଯେଉଁସବୁ ଭୁଲ କରିଛନ୍ତି ମୋର ସ୍ମରଣରୁ ସେସବୁକୁ ପୋଛି ଦିଅ ଓ ପରିଷ୍କାର କରିଦିଅ ।"***

ସ୍ୱାମୀ ଓ ସ୍ତ୍ରୀମାନେ ! ବିବାହରେ ସବୁବେଳେ କଳହର ଅବକାଶ ରହିଥାଏ । ଦିନାବସାନ ସମୟରେ ପ୍ରତିଦିନ ପରସ୍ପରର ତ୍ରୁଟିସବୁକୁ ମନରୁ ପୋଛିଦିଅନ୍ତୁ, ସେସବୁକୁ ମନରେ ରଖନ୍ତୁ ନାହିଁ । ପ୍ରାର୍ଥନା କରନ୍ତୁ: ***"ହେ ଈଶ୍ୱର, ଆମ ମଧ୍ୟରେ କାର୍ଯ୍ୟ କର ଓ ଆମମାନଙ୍କ ହୃଦୟକୁ ପରିବର୍ତ୍ତନ କର ।"***

ଅନୁତାପ ଓ ପ୍ରାର୍ଥନାର ପରିଣାମସ୍ୱରୂପ, ଆରୋଗ୍ୟଲାଭ ହୁଏ, ଓ ଭଗ୍ନ ସମ୍ପର୍କସବୁ ଯୋଡ଼ି ହୁଏ, ଯାହା ଦୀର୍ଘଦିନ ଧରି ରହିଥାଏ । ଆମେମାନେ ହୃଦୟରେ ଓ ଅନ୍ୟମାନଙ୍କ ସଙ୍ଗେ ସମ୍ପର୍କରେ ଶାନ୍ତି, ମିଳନ ଓ ଉତ୍ତମ ବୁଝାମଣା ଲାଭ କରିଥାଉ । ଈଶ୍ୱର ଯେଉଁ କାର୍ଯ୍ୟ କରିଛନ୍ତି ତାହା ଭଗ୍ନ ସମ୍ପର୍କସବୁକୁ ପ୍ରଭାବିତ କରୁ ଯେପରି କି ତାହା ପୁନଃସ୍ଥାପନ, ଶାନ୍ତି ଓ ଆନନ୍ଦ ଆଣିବ, କାରଣ ଈଶ୍ୱର ଆମମାନଙ୍କ ହୃଦୟ ପରିବର୍ତ୍ତନ କରିଛନ୍ତି ।

# ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆସ୍ମମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

*ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।*

*ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।*

*ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।*

*ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।*

# ଅଲ୍ ପିପୁଲ୍ସ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ୟ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪)। ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ୍ର ଅଂଶୀଦାର୍ ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ। ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ। ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ। ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ। ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ। ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି। ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ। ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା -

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ। ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି। ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ। ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

# ଅଲ୍ ପିପୁଲ୍ସ ଚର୍ଚ୍ଚ ଦ୍ୱାରା ପ୍ରକାଶିତ ପୁସ୍ତକସମୂହ

A Church in Revival
A Real Place Called Heaven*
A Time for Every Purpose*
Ancient Landmarks
Baptism in the Holy Spirit*
Being Spiritually Minded and Earthly Wise
Biblical Attitude Towards Work*
Breaking Personal and Generational Bondages*
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling*
Don't Lose Hope*
Equipping the Saints*
Foundations (Track 1)
Fulfilling God's Purpose for Your Life*
Giving Birth to the Purposes of God
God Is a Good God*
God's Word-The Miracle Seed*
How to Help Your Pastor
Integrity
Kingdom Builders*
Laying the Axe to the Root
Living Life Without Strife*
Marriage and Family
Ministering Healing and Deliverance
Offenses-Don't Take Them*
Open Heavens*
Our Redemption*
Receiving God's Guidance
Revivals, Visitations and Moves of God
Shhh! No Gossip!*
Speak Your Faith
The Conquest of the Mind*
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God*
The Refiner's Fire
The Spirit of Wisdom, Revelation and Power
The Wonderful Benefits of speaking in Tongues*
Timeless Principles for the Workplace
Understanding the Prophetic
Water Baptism*
We Are Different*
Who We Are in Christ?*
Women in the Workplace
Work Its Original Design

ଉପରୋକ୍ତ ସମସ୍ତ ପୁସ୍ତକ ଆମ ମଣ୍ଡଳୀର ୱେବ୍‌ସାଇଟ୍ **apcwo.org/books**ରୁ ମାଗଣାରେ ଡ଼ାଉନ୍‌ଲୋଡ୍ କରିପାରିବେ । ଅନୁବାଦିତ ଓଡ଼ିଆ ପୁସ୍ତକଗୁଡ଼ିକ ମୂଳ ଇଂରାଜୀ ପୁସ୍ତକ ନିକଟରେ * ଚିହ୍ନ ସହିତ ସୂଚିତ ହୋଇଛି । ଅନ୍ୟାନ୍ୟ ଭାଷାରେ ଅନୁବାଦିତ ପୁସ୍ତକଗୁଡ଼ିକ ମଧ୍ୟ ଉପଲବ୍ଧ । ମାଗଣାରେ ଉପଲବ୍ଧ ଇଂରାଜୀପୁସ୍ତକଗୁଡ଼ିକ ପାଇବା ପାଇଁ ଆମର ଇମେଲ୍ ଠିକଣା **bookrequest@apcwo.org**କୁ ଇମେଲ୍ ପଠାନ୍ତୁ । * ଚିହ୍ନିତ ଓଡ଼ିଆ ପୁସ୍ତକଗୁଡ଼ିକ PDF ଆକାରରେ ମିଳେ ।

ଆମ ମଣ୍ଡଳୀର ୱେବ୍‌ସାଇଟ୍‌ରୁ ମାଗଣାରେ ଅଡ଼ିଓ ଓ ଭିଡ଼ିଓ ଉପଦେଶ, ଉପଦେଶ ଟିପ୍ପଣୀସବୁ (apcwo.org/sermons) ଏବଂ ଅନ୍ୟାନ୍ୟ ଉପାଦେୟ ଓ ଉପଯୋଗୀ ବିଷୟ ପାଇପାରିବେ ।

# ଏକ ସପ୍ତାହାନ୍ତ ସ୍କୁଲ୍‌ରେ ଯୋଗ ଦିଅନ୍ତୁ

ପ୍ରତି ସପ୍ତାହରେ ବାଙ୍ଗାଲୁରୁଠାରେ ବିଶ୍ୱାସୀମାନଙ୍କୁ ତାଲିମ୍ ଦେଇ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରିବା ପାଇଁ Weekend Schools ଆୟୋଜିତ ହୋଇଥାଏ । ଶନିବାର ଦିନ ସକାଳ ୯:୦୦ଘ ରୁ ସନ୍ଧ୍ୟା ୬:୦୦ଘ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୁଏ । ଏହା ସମସ୍ତ ମଣ୍ଡଳୀ ଓ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କ ନିମନ୍ତେ ଉନ୍ମୁକ୍ତ, ଯଦି ସେମାନେ ତାଲିମ୍ ନେଇ ସଜ୍ଜିତ ହେବାକୁ ଚାହାନ୍ତି । ବର୍ତ୍ତମାନ ଅନୁଷ୍ଠିତ ହେଉଥିବା Weekend Schoolsରେ ନିମ୍ନ ପ୍ରସଙ୍ଗମାନ ଆଲୋଚିତ ହୋଇଥାଏ ।

ଭାବବାଣୀୟ ସେବାକାର୍ଯ୍ୟ (Prophetic Ministry)
ସୁସ୍ଥତା ଓ ଉଦ୍ଧାରକାର୍ଯ୍ୟ (Healing & Deliverance)
ଆତ୍ମାଙ୍କ ଦାନସକଳ (Gifts of the Spirit)
ପ୍ରାର୍ଥନା ଓ ନିବେଦନ (Prayer & Intercession)
ଅନ୍ତରସ୍ଥ ସମ୍ପୂର୍ଣ୍ଣତା (Inner Wholeness)
ଜୀବନଶୈଳୀ ସୁସମାଚାର (Lifestyle Evangelism)
ଈଶ୍ୱରଙ୍କ କାର୍ଯ୍ୟ (God at Work)
ସହରାଞ୍ଚଳ ମିଶନ୍ ଓ ମଣ୍ଡଳୀରୋପଣ (Urban Mission and Church Planting)
ଖ୍ରୀଷ୍ଟୀୟ ଆପୋଲୋଜେଟିକ୍ସ (Christian Apologetics)

ଅଧିକ ଜାଣିବା ପାଇଁ ଓ ନାମ ପଞ୍ଜିକରଣ କରିବା ପାଇଁ ଆମର ୱେବ୍‌ସାଇଟ୍ **apcwo.org/weekendschool** ପରିଦର୍ଶନ କରନ୍ତୁ ।

# ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର୍‌ ଆୟୋଜନ କରନ୍ତୁ

ଅଲ୍‌ ପିପୁଲ୍ସ ଚର୍ଚ୍ଚ ପାଳକ, ସ୍ଥାନୀୟ ମଣ୍ଡଳୀର ନେତା, ଖ୍ରୀଷ୍ଟୀୟ ସଂଗଠନର ନେତା ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ସଂଶ୍ଲିଷ୍ଟ ଅନ୍ୟମାନଙ୍କୁ ଆତ୍ମାରେ ଅଭିଷିକ୍ତ ସୁସଜ୍ଜିତକରଣ ଓ ତାଲିମ୍‌ ପ୍ରଦାନ କରିଥାଏ । ଅଭିଷିକ୍ତ ପ୍ରଭୁଙ୍କ ଦାସମାନଙ୍କ ଦ୍ୱାରା ଶିକ୍ଷାପ୍ରଦାନ ସଙ୍ଗେ ସଙ୍ଗେ ଆତ୍ମାରେ ଚାଳିତ ସେବାକାର୍ଯ୍ୟ ଓ ତାଲିମ୍‌ ପ୍ରଦାନ କରାଯାଏ । ଆମର ଦଳସବୁ ଅଂଶଗ୍ରହଣକାରୀମାନଙ୍କ ସଙ୍ଗେ ବ୍ୟକ୍ତିଗତରୂପେ ଭାବର ଆଦାନ ପ୍ରଦାନ ଓ ଆଲୋଚନା କରିଥାନ୍ତି । ଏହି ନେତୃତ୍ୱ ଶିବିର ୨/୩ ଦିନ ଧରି ଚାଲିଥାଏ ଓ ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥାଏ । ଅଂଶଗ୍ରହଣକାରୀମାନେ ନୂତନୀକୃତ, ଶକ୍ତିଯୁକ୍ତ, ଏବଂ ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ସେବାକାର୍ଯ୍ୟ କରିବାକୁ ସୁସଜ୍ଜିତ ହୋଇ ବାହାରି ଯାଇଥାନ୍ତି । ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର ବିଭିନ୍ନ ସ୍ଥାନୀୟ ମଣ୍ଡଳୀ, ଏକ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ, ମିଶନ୍‌ ସଂଗଠନ ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଣ୍ଡଳୀସବୁର ଓ ସେମାନଙ୍କ ପାଳକମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥାଏ । ଆୟୋଜକ ସଂଗଠନ ଅଂଶଗ୍ରହଣକାରୀମାନଙ୍କୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଶିବିରର ସମସ୍ତ ଖର୍ଚ୍ଚ ବହନ କରିବେ । ଅଲ୍‌ ପିପୁଲ୍ସ ଚର୍ଚ୍ଚ ଏହାର ସେବାକାର୍ଯ୍ୟ ଦଳକୁ ସେଠାକୁ ପଠାଇ ଶିବିର ପରିଚାଳନା କରିବେ ।

ପ୍ରାୟଶଃ ଆମେ ନିମ୍ନ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରିଥାଉ–

- **ଉଦ୍ଦୀପନା, ପରିଦର୍ଶନ ଓ ଈଶ୍ୱରଙ୍କ ଚଳପ୍ରଚଳ**
- **ଉପସ୍ଥିତି ଓ ଗୌରବ**
- **ରାଜ୍ୟନିର୍ମାଣକାରୀମାନେ (ଈଶ୍ୱରଙ୍କ ରାଜ୍ୟ ଓ ଏହାର ନିର୍ମାଣକାର୍ଯ୍ୟ)**
- **ସମତଳ ଭୂମି**
- **ଈଶ୍ୱରଙ୍କ ଗୃହ**
- **ପ୍ରୈରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ**
- **ସୁସ୍ଥତା ଓ ଉଦ୍ଧାର ସେବାକାର୍ଯ୍ୟ**
- **ଆତ୍ମାଙ୍କ ଦାନସକଳ**
- **ବିବାହ ଓ ପରିବାର**
- **ସାଧୁମାନଙ୍କୁ ସୁସଜ୍ଜିତ କରିବା ଓ ହାଟପଦାକୁ ପରିବର୍ତ୍ତନ କରିବା**

ଏସମ୍ପର୍କିତ ଅନ୍ୟାନ୍ୟ ବିଷୟପାଇଁ ଆମର ୱେବ୍‌ସାଇଟ୍‌: **apcwo.org/CLC** ପରିଦର୍ଶନ କରନ୍ତୁ ।

ଶିବିର ଆୟୋଜନ କରିବା ପାଇଁ ଆମ ସଙ୍ଗେ ଏହି email ଠିକଣା ଦ୍ୱାରା ଯୋଗାଯୋଗ କରନ୍ତୁ: contact@apcwo.org

# ମାଗଣା ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ଆପ୍ ବା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ "All Peoples Church Bangalore" ଖୋଜି ଡ଼ାଉନ୍‌ଲୋଡ୍ କରନ୍ତୁ




**ଏଥିରେ ଥିବା ସୁବିଧାଗୁଡ଼ିକ:**

- ଦୈନିକ ୫ ମିନିଟ୍‌ର ଭିଡ଼ିଓ ଧ୍ୟାନ
- ଦୈନିକ ବାଇବଲ ପଠନ ଓ ପ୍ରାର୍ଥନା ସୂଚନା
- ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ବାଇବଲ ଶାସ୍ତ୍ରାଂଶଗୁଡ଼ିକର ଏକ ଟୁଲ୍‌କିଟ୍ ଯାହା
- ବିଶ୍ୱାସରେ ବୃଦ୍ଧି ପାଇବାରେ ଓ ସୁସମାଚାର ଅଂଶୀ କରାଇବାରେ ସହାୟକ ।
- ବିଭିନ୍ନ ଉପଦେଶ, ଉପଦେଶ ଟିପ୍ପଣୀସମୂହ, ଟିଭି କାର୍ଯ୍ୟକ୍ରମ, ପୁସ୍ତକ, ସଙ୍ଗୀତ, ଇତ୍ୟାଦି ଏଥିରେ ଉପଲବ୍ଧ ।

***ଯଦି ଏହାକୁ ପସନ୍ଦ କରୁଛନ୍ତି, ଅନ୍ୟମାନଙ୍କୁ ଏ ବିଷୟରେ କହନ୍ତୁ !***

# ପ୍ରଭାବିତ କରିବା ପାଇଁ ନିର୍ମାଣ କରନ୍ତୁ: ଆମ ଦର୍ଶନରେ ଅଂଶଗ୍ରହଣ କରନ୍ତୁ




## ନିର୍ମାଣ କରନ୍ତୁ

APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁ ଏକ ବିଶ୍ୱସ୍ତରୀୟ ସମ୍ପୂର୍ଣ୍ଣ ଆଧୁନିକ ସଜ୍ଜିତକରଣ କେନ୍ଦ୍ର ଓ ମିଶନ୍ ଭିତ୍ତିଭୂମିଭାବରେ ବିଭିନ୍ନ ରାଷ୍ଟ୍ରରେ ଖ୍ରୀଷ୍ଟଙ୍କ ଶରୀରର ସେବା କରିବା ପାଇଁ ଉଦ୍ଦିଷ୍ଟ ।

## ପ୍ରଭାବିତ କରନ୍ତୁ

ଆମେ ଆତ୍ମାରେ ଅଭିଷିକ୍ତ, ବାଇବଲଭିତ୍ତିକ ତାଲିମ୍ ପ୍ରଦାନ କରି ନୂତନ ପିଢ଼ିର ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କୁ ସୁସଜ୍ଜିତ କରି ସ୍ୱଦେଶ ଓ ବିଦେଶକୁ ପଠାଇବୁ ଓ ସେମାନଙ୍କର ପୃଷ୍ଠପୋଷକତା କରିବୁ । ଏଥିପାଇଁ ଏକ ବାଇବଲ କଲେଜ ପ୍ରତିଷ୍ଠିତ ହେବ ଓ ଏଥିରେ ରହିବାର ସୁବିଧା ରହିଥିବ । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଶିକ୍ଷା ଗ୍ରହଣର ସୁବିଧା ରହିବ । ଏକ ମିଡ଼ିଆ ସେଣ୍ଟର୍ ବି ରହିବ ଯଦ୍ୱାରା ପୃଥିବୀର ବିଭିନ୍ନ ଭାଗର ଲୋକଙ୍କ ନିକଟରେ ପହଞ୍ଚି ହେବ । ଏଠାରେ ଏକ ଉପାସନା ଗୃହ ଏବଂ ପିଲାମାନଙ୍କର ଓ ଯୁବାମାନଙ୍କ ପାଇଁ ଏକ ସେଣ୍ଟର୍ ରହିବ । ୨୪x୭ ପ୍ରାର୍ଥନା ସେଣ୍ଟର୍ ମଧ୍ୟ ରହିବ ।

ଆପଣଙ୍କୁ ପ୍ରଭୁ ଯେଭଳି ଚାଳନା ଓ ଶକ୍ତି ଦିଅନ୍ତି ତଦନୁସାରେ ଆପଣଙ୍କୁ ଏକ ସ୍ୱେଚ୍ଛାଦାନ ପଠାଇବାକୁ ଆମନ୍ତ୍ରଣ କରାଯାଏ ଏବଂ ଆମ ସଙ୍ଗେ ଏହି ଦର୍ଶନର ଭାଗୀଦାର ହୋଇ ପ୍ରଭାବିତ କରିବା ପାଇଁ ନିର୍ମାଣ କରିବା କାର୍ଯ୍ୟକ୍ରମକୁ ସାହାଯ୍ୟ କରିବାକୁ ଅନୁରୋଧ । APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁର ନିର୍ମାଣ କାର୍ଯ୍ୟ ନିମନ୍ତେ ଦାନ ପଠାଇବା ପାଇଁ ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା ।

| Wire Transfer | Cheques |
|---|---|
| Account: **All Peoples Church Building Fund AC** | In favor of: **All Peoples Church Building Fund AC** |
| Account No: 520101021447450 | Cheques can be mailed to: |
| IFSC Code: CORP0000656 | All Peoples Church, |
| Bank Name: Corporation Bank | #319, 2nd Floor, 7th Main, 2nd Block HRBR Layout, Kalyan Nagar, Bangalore 560043, Karnataka, India |
| Branch Name: R.T Nagar Branch, Bangalore | |

ଭାରତରେ ଥିବା ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଆମେ ଦାନ ଗ୍ରହଣ କରିବାକୁ ପସନ୍ଦ କରିବୁ । ବିଦେଶରୁ ଆସିବାକୁ ଥିବା ଦାନ ଗ୍ରହଣ କରିବାର ସୁବିଧା ଆମ ନିକଟରେ ଉପଲବ୍ଧ ନୁହେଁ । ଯଦି ଆପଣଙ୍କର କୌଣସି ସନ୍ଦେହ ବା ପ୍ରଶ୍ନ ଥାଏ buildtoimpact@apcwo.orgକୁ email କରନ୍ତୁ । ଏହି ପ୍ରକଳ୍ପର ପ୍ରଗତି ଓ ଅନ୍ୟ ବିଷୟ ଜାଣିବା ପାଇଁ **apcwo.org/buildtoimpact** ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

## All Peoples Church Bible College
## apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ ।

APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ସବୁସ୍ଥାନରେ କଳହ ଦେଖାଯାଏ- ପରିବାରରେ, କାର୍ଯ୍ୟସ୍ଥାନରେ, ସେବାକାର୍ଯ୍ୟରେ, ମଣ୍ଡଳୀରେ, ଇତ୍ୟାଦି ଏବଂ ଏହା ଦ୍ୱାରା ମାନବୀୟ ସମ୍ପର୍କସବୁ କ୍ଷୁର୍ଣ୍ଣ ହୋଇଥାଏ । କଳହ, କର୍କଟରୋଗ ପରି ଜୀବନର ପ୍ରାୟ ସବୁ କ୍ଷେତ୍ରକୁ ସ୍ପର୍ଶ କରିଥାଏ ।

**କଳହ କ'ଣ? ଏହା ଲୋକଙ୍କ ମଧ୍ୟରେ ଥିବା ବିଭାଜନ, ବିବାଦ, ଘୃଣାଭାବ, କ୍ଷୋଭ, ବାଦାନୁବାଦ, ଶତ୍ରୁତା ବା ଦଳାଦଳିକୁ ବୁଝାଏ ।**

ଏହି ପୁସ୍ତକର ଉଦ୍ଦେଶ୍ୟ: କିପରି କଳହ ସୃଷ୍ଟି ହୁଏ ବୁଝିବା, ଆମ ଜୀବନରେ କଳହର ନକାରାତ୍ମକ ପ୍ରଭାବସବୁକୁ ଅଧ୍ୟୟନ କରିବା ଏବଂ କଳହମୁକ୍ତ ଜୀବନ ଯାପନ କରିବା ଶିଖିବା ।

ବ୍ୟକ୍ତି ବିଶେଷ ଭାବରେ କଳହକୁ ଆମ ଜୀବନରୁ ବାହାରେ ରଖିବାକୁ ଆମେ ଆହ୍ୱାନ ପାଇଛୁ । ରାତ୍ରି ପାହାନ୍ତା ହେଉଛି । ତେଣୁ ଆମେ ଅନ୍ଧକାରର କର୍ମସବୁ ପରିତ୍ୟାଗ କରି ଆଲୋକର ସଜ୍ଜା ପରିଧାନ କରିବା ।

ଏହା ଆମ ସମସ୍ତଙ୍କ ନିମନ୍ତେ ଆହ୍ୱାନକାରୀ ଅଟେ । ଆମେ ନିଜକୁ ଏପରି କହୁଥିବା, "ଯାହା ଘଟୁ ପଛକେ, ଲୋକମାନେ ଯାହା କହନ୍ତୁ ବା କରନ୍ତୁ, କଳହ ସୃଷ୍ଟି ହେବାର ଯେତେ ଅବକାଶ ଆସୁ ନା କାହିଁକି, ଆମେ ଅବଶ୍ୟ କଳହ-ମୁକ୍ତ ଜୀବନ ଯାପନ କରିବା ।"

ଆଶିଷ୍ ରାଇଚୁର୍

**All Peoples Church & World Outreach**
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: contact@apcwo.org
Website: apcwo.org